# ଲେଖା ଏକ ଝଲକରେ

# 2017-18

लोकहितार्थ सत्यनिष्ठा
Dedicated to Truth in Public Interest

## ଓଡିଶା ସରକାର

# ଲେଖା ଏକ ଝଲକରେ

**2017-18**

ଓଡ଼ିଶା ସରକାର

# ମୁଖବନ୍ଧ

ଏହା ଆମର ଲେଖା ଏକ ଝଲକରେ ହିସାବର ବିଂଶତମ ସଂସ୍କରଣ ।

ରାଜ୍ୟ ସରକାରଙ୍କର ବାର୍ଷିକ ହିସାବ ଭାରତର ନିୟନ୍ତ୍ରକ ତଥା ମହାଲେଖା ପରୀକ୍ଷକଙ୍କ ନିର୍ଦ୍ଦେଶ ଅନୁସାରେ ପ୍ରସ୍ତୁତ ଏବଂ ପରୀକ୍ଷା ହୋଇ ଭାରତର ନିୟନ୍ତ୍ରକ ତଥା ମହାଲେଖା ପରୀକ୍ଷକଙ୍କ (କର୍ତ୍ତବ୍ୟ, କ୍ଷମତା ଓ ସେବା ସର୍ତ୍ତାବଳୀ) ଅଧିନିୟମ 1971 ଅନୁସାରେ ରାଜ୍ୟ ବିଧାନସଭାରେ ଆଗତ ହୁଏ । ରାଜ୍ୟ ସରକାରଙ୍କର ବାର୍ଷିକ ହିସାବ ହେଉଛି (କ) ବିତ୍ତଲେଖା ଏବଂ (ଖ) ବିନିଯୋଗ ଲେଖା । ବିତ୍ତଲେଖା ହେଉଛି ସଂଗଠିତ ପାଣ୍ଠି, ଆପଦକାଳୀନ ପାଣ୍ଠି ଓ ସାଧାରଣ ହିସାବ ଅଧୀନରେ ହିସାବର ସଂକ୍ଷିପ୍ତ ବିବରଣୀ । ବିନିଯୋଗ ଲେଖା ରାଜ୍ୟ ବିଧାନସଭା ଦ୍ୱାରା ମଞ୍ଜୁର ହୋଇଥିବା ଅର୍ଥ ଅନୁଦାନ ତୁଳନାରେ ଖର୍ଚ୍ଚର ବିବରଣୀ ଏବଂ ପ୍ରକୃତ ବ୍ୟୟ୍ ବରାଦ ଓ ବାସ୍ତବ ଖର୍ଚ୍ଚ ବିଷୟ୍ରେ ସ୍ପଷ୍ଟୀକରଣ ଅଟେ। ପ୍ରଧାନମହାଲେଖାକାର (ଲେଖା ଓ ହକ୍‌ଦାରୀ) ରାଜ୍ୟର ବିତ୍ତ ଲେଖା ଓ ବିନିଯୋଗ ଲେଖା ପ୍ରସ୍ତୁତ କରନ୍ତି ।

ଲେଖା ଏକ ଝଲକରେ ବିତ୍ତ ଲେଖା ଓ ବିନିଯୋଗ ଲେଖାରେ ପ୍ରତିଫଳିତ ହୋଇଥିବା ରାଜ୍ୟ ସରକାରଙ୍କର କାର୍ଯ୍ୟକ୍ରମ ବିଷୟ୍ରେ ଏକ ସ୍ଥୂଳ ସୂଚନା ପ୍ରଦାନ କରିଥାଏ । ସଂକ୍ଷିପ୍ତ ବର୍ଣ୍ଣନା, ବିବରଣୀ ଏବଂ ଗ୍ରାଫ ଜରିଆରେ ସୂଚନା ଏଥିରେ ପ୍ରଦାନ କରାଯାଇଥାଏ । ଏହି ହିସାବ ଓଡ଼ିଶା ସରକାରଙ୍କର ବିତ୍ତ ଓ ବିନିଯୋଗ ଲେଖାରୁ ଗ୍ରହଣ କରାଯାଇଛି । ତାରତମ୍ୟ କ୍ଷେତ୍ରରେ ବିତ୍ତ ଓ ବିନିଯୋଗ ଲେଖାରେ ପ୍ରତିଫଳିତ ହୋଇଥିବା ହିସାବ ହିଁ ସଠିକ୍ ବୋଲି ବିବେଚନା କରାଯାଇପାରେ ।

ଆମେ ଏହି ପ୍ରକାଶନର ଉନ୍ନତି ପାଇଁ ମତାମତ ଅପେକ୍ଷାରେ ରହିଛୁ ।

ମଧୁମିତା ବସୁ

ଭୁବନେଶ୍ୱର
**(ମଧୁମିତା ବସୁ)**

ତା **01 October 2019**
ପ୍ରଧାନମହାଲେଖାକାର (ଲେଖା ଓ ହକ୍‌ଦାରୀ)

# ଆମ ଲକ୍ଷ୍ୟ, ଦୂରଦୃଷ୍ଟି ଓ ମୌଳିକ ମୂଲ୍ୟବୋଧ

ଭାରତର ନିୟନ୍ତ୍ରକ ତଥା ମହାଲେଖା ପରୀକ୍ଷକଙ୍କ ଅନୁଷ୍ଠାନର ଦର୍ଶନ ହିଁ ଆମ ଆଶାର ପ୍ରତୀକ।

ସରକାରୀ ଅର୍ଥ ବ୍ୟବସ୍ଥା ଓ ପ୍ରଶାସନ ସଂକ୍ରାନ୍ତରେ ସ୍ୱାଧୀନ, ବିଶ୍ୱସନୀୟ, ସନ୍ତୁଳିତ ଓ ସମୟାନୁବର୍ତ୍ତୀ ସମୀକ୍ଷା ଉପସ୍ଥାପନ କରି ଜାତୀୟ ଓ ଆନ୍ତର୍ଜାତିକ କ୍ଷେତ୍ରରେ ସ୍ୱୀକୃତି ଲାଭ ପାଇଁ ଆମେ ଉଦ୍ୟମରତ ।

ଆମର ଲକ୍ଷ୍ୟ, ଆମର ସାମ୍ପ୍ରତିକ ଭୂମିକାକୁ ସ୍ପଷ୍ଟ କରିବା ସଙ୍ଗେ ସଙ୍ଗେ ଆଜି ଆମେ କ'ଣ କରୁଛୁ ତାହା ସୂଚିତ କରୁଛି ।

ଭାରତୀୟ ସମ୍ବିଧାନ ଦ୍ୱାରା ନ୍ୟସ୍ତ ଦାୟିତ୍ୱ ସମ୍ପାଦନ ପାଇଁ ଆମେ ଉଚ୍ଚମାନର ସମୀକ୍ଷା ଏବଂ ହିସାବ ରକ୍ଷଣ କରିଆରେ ଉତ୍ତରଦାୟୀ, ସ୍ୱଚ୍ଛତା ଓ ଉତ୍ତମ ପ୍ରଶାସନକୁ ପ୍ରୋତ୍ସାହିତ କରିବା ସଙ୍ଗେ ସଙ୍ଗେ ନିର୍ଦ୍ଧାରିତ ଉଦ୍ଦେଶ୍ୟରେ ବ୍ୟୟ ବରାଦ ମୁତାବକ ଅର୍ଥ ଖର୍ଚ୍ଚ ହେଉଛି କି ନାହିଁ ଓ ସରକାରୀ ଅର୍ଥର ଫଳପ୍ରଦ ବିନିଯୋଗ ହେଉଛି କି ନାହିଁ; ତାହା ସୁନିଶ୍ଚିତ କରିବା ପାଇଁ ଆମେ ବ୍ୟବସ୍ଥାପିକା, କାର୍ଯ୍ୟ ନିର୍ବାହୀ ତଥା ଜନ ସାଧାରଣଙ୍କୁ ନିର୍ଭର ପ୍ରତିଶ୍ରୁତି ଦେଉଛୁ ।

ଆମର ମୌଳିକ ମୂଲ୍ୟବୋଧ ହିଁ ଆମର ପଥପ୍ରଦର୍ଶକ ଓ ଆମ କାର୍ଯ୍ୟ ସମ୍ପାଦନର ସର୍ବୋତ୍କୃଷ୍ଟ ପରିମାପକ।

- ⇨ସ୍ୱାଧୀନତା
- ⇨ବୈଶିଷ୍ଟତା
- ⇨ସାଧୁତା
- ⇨ନିର୍ଭରଶୀଳତା
- ⇨ବୃତ୍ତିଗତ ଉତ୍କର୍ଷତା
- ⇨ସ୍ୱଚ୍ଛତା
- ⇨ସକାରାତ୍ମକ ଦୃଷ୍ଟିଭଙ୍ଗୀ

# ସୂଚୀପତ୍ର


| | | ପୃଷ୍ଠା ସଂଖ୍ୟା |
|---|---|---|
| ଅଧ୍ୟାୟ I | ସାଧାରଣ ସମୀକ୍ଷା | 1 - 10 |
| 1.1 | ଉପକ୍ରମ | 1 |
| 1.2 | ହିସାବର ଢାଞ୍ଚା | 1 |
| 1.3 | ବିତ୍ତ ଲେଖା ଓ ବିନିଯୋଗ ଲେଖା | 3 |
| 1.4 | ପାଣ୍ଠିର ଉତ୍ସ ଏବଂ ବିନିଯୋଗ | 5 |
| 1.5 | ହିସାବର ମୁଖ୍ୟାଂଶ | 7 |
| 1.6 | ନିଅଣ୍ଟ ଓ ବଳକାର ସୂଚନା | 8 |
| 1.7 | ଉଧାର ପାଣ୍ଠିରେ ପୁଞ୍ଜିଗତ ଖର୍ଚ୍ଚର ଅନୁପାତ | 10 |
| ଅଧ୍ୟାୟ II | ପ୍ରାପ୍ତି | 11 – 18 |
| 2.1 | ଉପକ୍ରମ | 11 |
| 2.2 | ରାଜସ୍ୱ ପ୍ରାପ୍ତି | 11 |
| 2.3 | ରାଜସ୍ୱ ଟିକସ | 13 |
| 2.4 | ଟିକସ ଆଦାୟ ମୂଲ୍ୟ | 16 |
| 2.5 | କେନ୍ଦ୍ରୀୟ ଟିକସ ବାବଦରେ ରାଜ୍ୟର ଅଂଶର ଧାରା | 16 |
| 2.6 | ସହାୟକ ଅନୁଦାନ | 17 |
| 2.7 | ସରକାରୀ ଋଣ | 18 |
| ଅଧ୍ୟାୟ III | ଖର୍ଚ୍ଚ | 19 -22 |
| 3.1 | ଉପକ୍ରମ | 19 |
| 3.2 | ରାଜସ୍ୱ ଖର୍ଚ୍ଚ | 19 |
| 3.3 | ପୁଞ୍ଜିଗତ ଖର୍ଚ୍ଚ | 21 |
| ଅଧ୍ୟାୟ IV | ଯୋଜନା ଓ ଅଣ ଯୋଜନା ଖର୍ଚ୍ଚ | 23 -26 |
| 4.1 | ଉପକ୍ରମଣିକା | 23 |
| 4.2 | ଖର୍ଚ୍ଚର ବିତରଣ | 24 |
| 4.3 | ଯୋଜନା / କାର୍ଯ୍ୟକ୍ରମ ଖର୍ଚ୍ଚ | 24 |
| 4.4 | ଅଣ ଯୋଜନା /ପ୍ରଶାସନିକ ଖର୍ଚ୍ଚ | 25 |
| 4.5 | ପ୍ରତିଶ୍ରୁତିବଦ୍ଧ ଖର୍ଚ୍ଚ | 26 |

# ସୂଚୀପତ୍ର


| | | ପୃଷ୍ଠା ସଂଖ୍ୟା |
|---|---|---|
| **ଅଧ୍ୟାୟ V** | **ବିନିଯୋଗ ଲେଖା** | **27 - 30** |
| 5.1 | ବିନିଯୋଗ ହିସାବର ସାରାଂଶ | 27 |
| 5.2 | ବିଗତ ପାଞ୍ଚ ବର୍ଷର ସଞ୍ଚୟ ଓ ଅଧିକ ଖର୍ଚ୍ଚକ ଧାରା | 28 |
| 5.3 | ମହତ୍ୱପୂର୍ଣ୍ଣ ସଞ୍ଚୟ | 28 |

| | | |
|---|---|---|
| **ଅଧ୍ୟାୟ VI** | **ପରି ସମ୍ପତ୍ତି ଓ ଦେୟତା** | **31 - 33** |
| 6.1 | ପରିସମ୍ପତ୍ତି | 31 |
| 6.2 | ଋଣ ଓ ଆର୍ଥିକ ବୋଝ | 31 |
| 6.3 | ବଚନ ବଦ୍ଧତା | 33 |

| | | |
|---|---|---|
| **ଅଧ୍ୟାୟ VII** | **ଅନ୍ୟାନ୍ୟ ବିଷୟ** | **34 - 42** |
| 7.1 | ଆଭ୍ୟନ୍ତରୀଣ ଋଣରେ ପ୍ରତିକୂଳ ଜମାରାଶି | 34 |
| 7.2 | ରାଜ୍ୟ ସରକାରଙ୍କ ଦ୍ୱାରା ପ୍ରଦାନ କରାଯାଉଥିବା ଋଣ ଏବଂ ଅଗ୍ରୀମ | 34 |
| 7.3 | ନିକାୟ ସଂସ୍ଥା ଏବଂ ଅନ୍ୟାନ୍ୟଙ୍କୁ ପ୍ରଦାନ କରାଯାଇଥିବା ଆର୍ଥିକ ସହାୟତା | 34 |
| 7.4 | ନଗଦ ରୋକଡ ଅବଶେଷ ଏବଂ ନଗଦ ରୋକଡ ଅବଶେଷର ନିବେଶ | 35 |
| 7.5 | ହିସାବ ମିଳାମିଳ | 36 |
| 7.6 | କୋଷାଗାର ଦ୍ୱାରା ହିସାବ ଦାଖଲ | 37 |
| 7.7 | ଅନିଶ୍ଚିତ ଅବଶେଷ ଜମାର ସ୍ଥିତ | 37 |
| 7.8 | ଅସଂଯୋଜିତ ସଂକ୍ଷିପ୍ତ କଣ୍ଟିଜେଣ୍ଟ (ଏ.ସି) ବିଲ୍ | 37 |
| 7.9 | ଅସମାପ୍ତ ପୁଞ୍ଜିକାର୍ଯ୍ୟ ହିସାବ ସଂପର୍କିତ ଦାୟ ବୋଧ | 38 |
| 8.0 | ଅମିମାଂସିତ ଖର୍ଚ୍ଚ ପ୍ରମାଣ ପତ୍ରର ଆପେକ୍ଷିକ ସ୍ଥିତି | 38 |
| 8.1 | ଜାତୀୟ ପେନସନ ବ୍ୟବସ୍ଥା | 38 |
| 8.2 | ବ୍ୟକ୍ତିଗତ ଜମା ଖାତା | 39 |
| 8.3 | ବିନିଯୋଗ | 40 |
| 8.4 | ସମୟାନୁସାରୀ ଖର୍ଚ୍ଚ | 40 |
| 8.5 | ସଂରକ୍ଷଣ ପାଣ୍ଠିର ଗୁରୁତ୍ୱ | 42 |

অধ্যায়-1

# ସାଧାରଣ ସମୀକ୍ଷା

## 1.1. ଉପକ୍ରମ

ପ୍ରଧାନମହାଲେଖାକାର (ଲେଖା ଓ ହକ୍‌ଦାରୀ) ଓଡିଶା, ଓଡିଶା ସରକାରଙ୍କର ପ୍ରାପ୍ତି ଏବଂ ଖର୍ଚ୍ଚ ହିସାବର ସଂକଳନ କରନ୍ତି । ଏହି ସଂକଳନ ଜିଲ୍ଲା/ ଉପ/ ସ୍ୱତନ୍ତ୍ର କୋଷାଗାରମାନଙ୍କ ଦ୍ୱାରା ଦାଖଲ ହେଉଥିବା ପ୍ରାଥମିକ ହିସାବ, ସରକାରୀ ପୂର୍ତ୍ତ ଓ ଜଙ୍ଗଲମଣ୍ଡଳ ମାନଙ୍କ ଦ୍ୱାରା ଓ ଭାରତୀୟ ରିଜର୍ଭ ବ୍ୟାଙ୍କ ଦ୍ୱାରା ପ୍ରଦତ୍ତ ଉପଦେଶ ଉପରେ ପର୍ଯ୍ୟବେସିତ । ଏଥି ସହିତ ପ୍ରଧାନ ମହାଲେଖାକାର (ଲେଖା ଓ ହକ୍‌ଦାରୀ) ବାର୍ଷିକ ବିତ୍ତଲେଖା ଓ ବିନିଯୋଗ ଲେଖା ପ୍ରସ୍ତୁତ କରନ୍ତି ଏବଂ ଏହା ବିଧିବଦ୍ଧ ଭାବେ ମହାଲେଖାକାର (ଜି ଏବଂ ଏସ୍.ଏସ୍.ଏ), ଓଡିଶାଙ୍କ ଦ୍ୱାରା ଯାଞ୍ଚ ହେଲା ପରେ ଏବଂ ଭାରତର ନିୟନ୍ତ୍ରକ ତଥା ମହାଲେଖା ପରୀକ୍ଷକଙ୍କ ସାର୍ଟିଫିକେଟ୍ ପ୍ରଦାନ ପରେ ରାଜ୍ୟ ବିଧାନ ସଭାରେ ଆଗତ ହୁଏ ।

## 1.2. ହିସାବର ଢାଞ୍ଚା

### *1.2.1.* ସରକାରୀ ହିସାବ ତିନି ଭାଗରେ ରଖାଯାଏ

| | |
|---|---|
| ଭାଗ-I<br>ସଂଗଠିତ ପାଣ୍ଠି | **I-କ-ସରକାରଙ୍କ ଦ୍ୱାରା ପ୍ରାପ୍ତ ସମସ୍ତ ଟିକସ ଓ ଅଣଟିକସ ରାଜସ୍ୱ, ଋଣ ଉଠାଣ ଏବଂ ପ୍ରଦତ୍ତ ଋଣର ଆଦାୟ (ସୁଧ ସମେତ)କୁ ନେଇ ସଂଗଠିତ ପାଣ୍ଠିର ସୃଷ୍ଟି ।**<br>**I-ଖ-ଋଣ ପ୍ରଦାନ ଏବଂ କୃତ ଋଣର ପରିଶୋଧ (ସୁଧ ସମେତ) ସହିତ ସରକାରଙ୍କ ସମସ୍ତ ଖର୍ଚ୍ଚ ଏହି ପାଣ୍ଠିରୁ କରାଯାଇଥାଏ ।** |
| ଭାଗ-II<br>ଆପଦକାଳୀନ ପାଣ୍ଠି | ଅନପେକ୍ଷିତ ଓ ଜରୁରୀ ଖର୍ଚ୍ଚ ପାଇଁ ଏହି ପାଣ୍ଠି ଉଦ୍ଦିଷ୍ଟ ଏବଂ ଏଥିପାଇଁ ବଜେଟ୍ ରେ ବ୍ୟୟ ବରାଦ କରାଯାଇ ନ ଥାଏ । ଏହି ପାଣ୍ଠିରୁ ହେଉଥିବା ଖର୍ଚ୍ଚ ସେହିବର୍ଷ କିମ୍ବା ପରବର୍ତ୍ତୀ ଆର୍ଥିକ ବର୍ଷରେ ସଂଗଠିତ ପାଣ୍ଠିରୁ ଭରଣା କରାଯାଏ ।<br>ଓଡିଶା ପାଇଁ ଏହି ପାଣ୍ଠିର ପରିମାଣ 400 କୋଟି ଟଙ୍କା । |
| ଭାଗ-III<br>ସରକାରୀ ହିସାବ | ସରକାରଙ୍କ ପାଖକୁ ଆସୁଥିବା (ସଂଗଠିତ ପାଣ୍ଠି ଅନ୍ତର୍ଭୁକ୍ତ ନ ଥିବା) ଅନ୍ୟ ସମସ୍ତ ରାଶିର ହିସାବ କିତାବ ସରକାରୀ ହିସାବରେ କରାଯାଇଥାଏ । ଏପରି ସ୍ଥଳେ ସରକାର ବ୍ୟାଙ୍କର୍ ଓ ଟ୍ରଷ୍ଟି ହିସାବରେ କାର୍ଯ୍ୟ କରିଥାଏ । ସ୍ୱଳ୍ପ ସଞ୍ଚୟ , ଭବିଷ୍ୟନିଧି ପାଣ୍ଠି ଏବଂ ଏହାର ପ୍ରତିପୂର୍ତ୍ତୀ , ସଂରକ୍ଷିତ ପାଣ୍ଠି, ଜମା ଓ ଅଗ୍ରୀମ, ନିଲମ୍ବନ ଏବଂ ଶୀର୍ଷ ହିସାବକୁ ନେବା ପାଇଁ ହୋଇଥିବା ମଧ୍ୟବର୍ତ୍ତିକାଳୀନ ବ୍ୟବସ୍ଥାପନାର ହିସାବ, ବିଭିନ୍ନ ମଣ୍ଡଳସ୍ତରୀୟ ଆର୍ଥିକ ନେଣଦେଣର କାରବାର ଏବଂ ନଗଦ ଅବଶେଷକୁ ନେଇ ସରକାରୀ ହିସାବର ସୃଷ୍ଟି । |

## 1.2.2. ହିସାବ ସଙ୍କଳନ



## 1.3. ବିତ୍ତଲେଖା ଓ ବିନିଯୋଗ ଲେଖା

### *1.3.1.* ବିତ୍ତଲେଖା

ବିତ୍ତଲେଖା ବାର୍ଷିକ ଅର୍ଥ ପ୍ରାପ୍ତି ଓ ଖର୍ଚ୍ଚ ହିସାବର ଚିତ୍ର ପ୍ରଦାନ କରିବା ସହ ହିସାବରେ ଦର୍ଶା ଯାଇଥିବା ରାଜସ୍ୱ ଓ ପୁଞ୍ଜି ହିସାବରେ ଆର୍ଥିକ ଫଳାଫଳ, ସରକାରୀ ପରିସଂପତ୍ତି, ଋଣ ଓ ଆର୍ଥିକ ବୋଝର ହିସାବ ଯାହାକି ହିସାବର ଅନ୍ତିମ ଅବଶେଷ ଦର୍ଶାଯାଇଥାଏ, ସେ ବିଷୟରେ ମଧ୍ୟ ସୂଚନା ପ୍ରଦାନ କରିଥାଏ । ବିତ୍ତଲେଖାକୁ ଅଧିକ ବ୍ୟାପକ ଓ ଶିକ୍ଷାପ୍ରଦ କରିବାପାଇଁ ଦୁଇ ଭାଗରେ ପ୍ରକାଶ କରାଯାଏ । ବିତ୍ତଲେଖାର ପ୍ରଥମ ଭାଗରେ ନିମ୍ନଲିଖିତ ବିଷୟରେ ଯଥା ଭାରତର ମହାଲେଖା ନିୟନ୍ତ୍ରକ ଏବଂ ମହାସମୀକ୍ଷକଙ୍କ ସାର୍ଟିଫିକେଟ, ସାମଗ୍ରୀକ ଅର୍ଥ ପ୍ରାପ୍ତି ଏବଂ ଖର୍ଚ୍ଚର ସଂକ୍ଷିପ୍ତ ବିବରଣୀ ଓ ହିସାବର ଟିପ୍ପଣୀ ଥାଏ । ଯାହା କି ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ହିସାବ ସମ୍ବନ୍ଧୀୟ ନୀତି ହିସାବରେ ଗୁଣବତ୍ତା ଏବଂ ଅନ୍ୟ ବିଷୟ ଉପରେ ଆଲୋକପାତ କରିଥାଏ । ଦ୍ୱିତୀୟ ଭାଗରେ ନିମ୍ନଲିଖିତ ବିଷୟ ଥାଏ ଯଥା, ବିସ୍ତୃତ ବିବରଣୀ ଏବଂ ପରିଶିଷ୍ଟ (ଭାଗ-2) ।

କେନ୍ଦ୍ରସରକାର, ରାଜ୍ୟ ଗୁଡିକର କାର୍ଯ୍ୟକାରୀ ସଂସ୍ଥା ଓ ବେସରକାରୀ ସଂସ୍ଥା ଗୁଡିକୁ ବିଭିନ୍ନ ଯୋଜନାର କାର୍ଯ୍ୟକାରିତା ପାଇଁ ପ୍ରଚୁର ଅର୍ଥ ପ୍ରଦାନ କରିଥାନ୍ତି । 2017-18 ମସିହାରେ ଭାରତ ସରକାର ଓଡିଶାର କାର୍ଯ୍ୟକାରୀ ସଂସ୍ଥା ଗୁଡିକୁ ସିଧାସଳଖ ଭାବେ 4,669 କୋଟି ଟଙ୍କା ହସ୍ତାନ୍ତରଣ କରିଛନ୍ତି। ଏହି ଟଙ୍କା ରାଜ୍ୟ ବଜେଟ ଦେଇ ଆସି ନ ଥିବା ହେତୁ, ରାଜ୍ୟ ସରକାରଙ୍କ ଲେଖାରେ ଏହାର ହିସାବ ପ୍ରତିଫଳିତ ହୋଇ ନାହିଁ । ଏହି ହସ୍ତାନ୍ତରିତ ଅର୍ଥ ବିତ୍ତଲେଖାର ଦ୍ୱିତୀୟ ଭାଗର ପରିଶିଷ୍ଟ- VI ରେ ପ୍ରଦର୍ଶିତ ହୋଇଛି।

ବିତ୍ତଲେଖା 2017-18ରେ ଦର୍ଶା ଯାଇଥିବା ଓଡିଶା ସରକାରଙ୍କ ଅର୍ଥ ପ୍ରାପ୍ତି ଓ ଖର୍ଚ୍ଚ ନିମ୍ନରେ ପ୍ରଦତ୍ତ ହେଲା -

(କୋଟି ଟଙ୍କାରେ)

<table>
<tr><td rowspan="5">ପ୍ରାପ୍ତି<br>ମୋଟ-94,821</td><td rowspan="3">ରାଜସ୍ୱ<br>ମୋଟ-85,204</td><td>ଟିକସ ରାଜସ୍ୱ</td><td>59,186</td></tr>
<tr><td>ଅଣ ଟିକସ ରାଜସ୍ୱ</td><td>8,398</td></tr>
<tr><td>ସହାୟକ ଅନୁଦାନ</td><td>17,620</td></tr>
<tr><td rowspan="2">ପୁଞ୍ଜିଗତ<br>ମୋଟ:9,617</td><td>ଋଣ ଓ ଅଗ୍ରିମରୁ ଆଦାୟ</td><td>257</td></tr>
<tr><td>ଉଧାର ଓ ଅନ୍ୟାନ୍ୟ ଆର୍ଥିକ ବୋଝ *</td><td>9,360</td></tr>
<tr><td rowspan="3">ଖର୍ଚ୍ଚ<br>ମୋଟ: 94,821</td><td colspan="2">ରାଜସ୍ୱ</td><td>71,837</td></tr>
<tr><td colspan="2">ପୁଞ୍ଜିଗତ</td><td>21,109</td></tr>
<tr><td colspan="2">ଋଣ ଓ ଅଗ୍ରୀମ</td><td>1,875</td></tr>
</table>

* **ଉଧାର ଓ ଅନ୍ୟାନ୍ୟ ଆର୍ଥିକ ବୋଝ** = ସରକାରୀ ଋଣର ନିଟ୍ (ପ୍ରାପ୍ତି-ଖର୍ଚ୍ଚ) + ଆପତ କାଳୀନ ପାଣ୍ଠିର ନିଟ୍ + ସରକାରୀ ହିସାବର ନିଟ୍ (ପ୍ରାପ୍ତି-ଖର୍ଚ୍ଚ) + ନିଟ୍ (ପ୍ରାରମ୍ଭିକ ଏବଂ ଅନ୍ତିମ) ରୋକଡ ଅବଶେଷ ।
ଲୋଖାସମାପ୍ତି ଜନିତ 27 କୋଟି ଟଙ୍କାର ପ୍ରଭେଦ 8680-102ର ମୋଟ ହିସାବରେ ବାଦ ଦିଆଯାଇ ଥିବା ହେତୁ ହୋଇଛି ।

## 1.3.2. ଟଙ୍କା କେଉଁଠୁ ଆସିଲା ?




* ସରକାରୀ ହିସାବ (ନିଟ୍)ରେ ରୋକଡ ଅବଶେଷ ଅନ୍ତର୍ଭୁକ୍ତ ।

## *1.3.3.* ଟଙ୍କା କୁଆଡେ ଗଲା?




ଏହି ବର୍ଷ ଭାରତ ସରକାର ସିଧା ସଳଖ 4,669 କୋଟି ଟଙ୍କା (ଗତ ବର୍ଷ 1,110 କୋଟି ଟଙ୍କା ଥିଲା) ରାଜ୍ୟର ବିଭିନ୍ନ କାର୍ଯ୍ୟକାରୀ ସଂସ୍ଥା / ସ୍ୱେଚ୍ଛାସେବୀ ଅନୁଷ୍ଠାନକୁ ବିଭିନ୍ନ ଯୋଜନା କାର୍ଯ୍ୟକାରୀ କରିବା ପାଇଁ ପ୍ରଦାନ କରିଛନ୍ତି । ଯେହେତୁ ଏହି ଟଙ୍କା ରାଜ୍ୟ ବଜେଟ୍ ଜରିଆରେ ପ୍ରଦାନ କରାଯାଇନାହିଁ, ତେଣୁ ଏହା ରାଜ୍ୟ ସରକାରଙ୍କ ହିସାବରେ ଦର୍ଶା ଯାଇନାହିଁ। ଏହି ହସ୍ତାନ୍ତର ବିତ୍ତ ଲେଖାର ଦ୍ୱିତୀୟ ଭାଗ ଷଷ୍ଠ ପରିଶିଷ୍ଟରେ ଦର୍ଶା ଯାଇଅଛି ।

## *1.3.4. ବିନିଯୋଗ ଲେଖା*

ସଂବିଧାନ ଅନୁଯାୟୀ କୌଣସି ଖର୍ଚ୍ଚ ବ୍ୟବସ୍ଥାପକ ଅନୁମୋଦନ ବିନା ସରକାରଙ୍କ ଦ୍ୱାରା କରାଯାଇ ପାରିବ ନାହିଁ । କେତେକ ଖର୍ଚ୍ଚ ବ୍ୟତିତ ଯାହାକି ସଂବିଧାନ ନିର୍ଦ୍ଦେଶିତ (ଚାର୍ଯଡ) ବୋଲି ନିରାପଦ ଭଣ୍ଡାରରେ ନିର୍ଦ୍ଦିଷ୍ଟ ହୋଇଛି, ତାହା ବ୍ୟବସ୍ଥାପକ ଭୋଟ ବିନା ବୃଦ୍ଧି କରାଯାଇ ପାରିବ । ଅନ୍ୟାନ୍ୟ ଖର୍ଚ୍ଚ ପାଇଁ ଭୋଟର ଆବଶ୍ୟକତା ଅଛି। ଓଡିଶା ବଜେଟରେ ତିନୋଟି ନିର୍ଦ୍ଦେଶିତ (ଚାର୍ଯଡ) ଅନୁମୋଦନ ଓ 42ଟି ବ୍ୟବସ୍ଥାପକୀୟ (ଭୋଟେଡ) ଅନୁଦାନ ରହିଛି। ଅନୁମୋଦନ ହିସାବର

ଉଦ୍ଦେଶ୍ୟ ହେଲା ପ୍ରତିବର୍ଷ ଆଇନରେ ଉଦ୍ଦିଷ୍ଟ ପ୍ରକୃତ ଖର୍ଚ୍ଚ ଯାହାକି ବ୍ୟବସ୍ଥାପକ ଦ୍ୱାରା ଅନୁମୋଦନ ଆଇନରେ ପ୍ରାଧିକୃତ ହୋଇଛି, ତାହା ସୂଚିତ କରିବା।

ବିନିଯୋଗ ଲେଖା ସଂଗଠିତ ପାଣ୍ଠିରୁ ଖର୍ଚ୍ଚ ହେଉଥିବା ଅର୍ଥ ତଥା ନିର୍ଦ୍ଦେଶିତ ବ୍ୟୟ ଏବଂ ବିଧାନ ସଭାରେ ଭୋଟ ପାଇଁ ଦେଉଥିବା ଅର୍ଥ କାର୍ଯ୍ୟ ସମ୍ପର୍କରେ ଦର୍ଶାଇଥାଏ । ଏହିପରି ମୋଟ ତିନୋଟି ନିର୍ଦ୍ଦେଶିତ ବ୍ୟୟ ବିନିଯୋଗ ଏବଂ ଏକଚାଳିଶଟି ବ୍ୟୟ ଦାବୀ ଯାହା ବିଧାନ ସଭାର ଅନୁମୋଦନ ଲାଭ କରିଥାଏ ସେ ବିଷୟରେ ବିନିଯୋଗ ଲେଖାରେ ଦର୍ଶାଯାଇଥାଏ ।

ବିନିଯୋଗ ଅଧିନିୟମ 2017-18 ମୋଟ ଖର୍ଚ୍ଚ ପାଇଁ 1,20,028.58 କୋଟି ଟଙ୍କା ଏବଂ ବ୍ୟୟ ହ୍ରାସ (ଅସୁଲ ପାଇଁ) 3,289.14 କୋଟି ଟଙ୍କା ହେବ ବୋଲି ପରିକଳ୍ପନା କରାଯାଇଥିଲା । କିନ୍ତୁ ବାସ୍ତବରେ ମୋଟ ଖର୍ଚ୍ଚ 98,822.11 କୋଟି ଟଙ୍କା ଏବଂ ବ୍ୟୟ ହ୍ରାସ 1,310.63 କୋଟି ଟଙ୍କା ହେବା ଦ୍ୱାରା ନିଟ ସଞ୍ଚୟ 21,206.47 କୋଟି ଟଙ୍କା (17.67 ପ୍ରତି ଶତ) ଏବଂ ଖର୍ଚ୍ଚ ହ୍ରାସ ଉପରେ 1,978.51 କୋଟି ଟଙ୍କା ଅଧିକ ଆକଳନ ହୋଇଥିଲା । ମୋଟ ଖର୍ଚ୍ଚ ମଧ୍ୟରୁ ଏହି 18 କୋଟି ଟଙ୍କା, ସଂକ୍ଷିପ୍ତ ଅନିୟୃତ ବିଲ ମାଧ୍ୟମରେ ବର୍ଷ ମଧ୍ୟରେ କରାଯାଇଥିଲା । ତଥାପି ବିଗତ ବର୍ଷ ଶେଷ ସୁଦ୍ଧା 37.21 କୋଟି ଟଙ୍କା ଉଠାଣ ବିସ୍ତୃତ ଅନିୟୃତ ବିଲ୍ ବାକି ରହିଛି ।

2017-18ରେ ସଂଗଠିତ ପାଣ୍ଠିରୁ 14,136 କୋଟି ଟଙ୍କା ସରକାରୀ ହିସାବରେ ଥିବା ବ୍ୟକ୍ତିଗତ ହିସାବକୁ ହସ୍ତାନ୍ତର କରାଯାଇଥିଲା । ଏହି ବ୍ୟକ୍ତିଗତ ଜମା ପ୍ରାଧିକୃତ ପ୍ରଶାସକଙ୍କ ଦ୍ୱାରା ସ୍ୱତନ୍ତ୍ର ଉଦ୍ଦେଶ୍ୟରେ ଖର୍ଚ୍ଚ ପାଇଁ ପରିଚାଳିତ ହୁଏ । ସାଧାରଣତଃ ବ୍ୟକ୍ତିଗତ ଜମା ହିସାବରେ ରଖା ଯାଇଥିବା ଅର୍ଥ ଯଦି କ୍ରମାଗତ ଭାବେ ସମ୍ପୂର୍ଣ୍ଣ ତିନି ଆର୍ଥିକ ବର୍ଷ ପାଇଁ ଖର୍ଚ୍ଚ ହୋଇ ନ ପାରେ ତେବେ ଏହା ସଂଗଠିତ ପାଣ୍ଠିକୁ ଚାଲିଯାଏ ।

## 1.4. ପାଣ୍ଠିର ଉତ୍ସ ଏବଂ ବିନିଯୋଗ

### 1.4.1. ସାଧନୋପାୟ ଅଗ୍ରୀମ

ଭାରତୀୟ ରିଜର୍ଭ ବ୍ୟାଙ୍କ ରାଜ୍ୟ ସରକାର ମାନଙ୍କୁ ସେମାନଙ୍କ ଦୈନନ୍ଦିନ କାରବାର ପାଇଁ ସାଧନୋପାୟ ଅଗ୍ରିମ ବ୍ୟବସ୍ଥା କରିଥାନ୍ତି । ଯେତେବେଳେ ଭାରତୀୟ ରିଜର୍ଭ ବ୍ୟାଙ୍କ ଦ୍ୱାରା ଅନୁମୋଦିତ ସର୍ବନିମ୍ନ ରୋକଡ ଅବଶେଷ (1.28 କୋଟି ଟଙ୍କା) ରୁ ଊଣା ପଡେ, ସେତେବେଳେ ଅଧିକ ଅର୍ଥ ଉଠାଣ ସୁବିଧା ଯୋଗାଇ ଦିଆଯାଇଥାଏ ।

### *1.4.2. ସମ୍ବଳ ବିନିଯୋଗ ବିବରଣୀ*

ରାଜ୍ୟର ରାଜସ୍ୱ ବଳକା 13,367 କୋଟି ଟଙ୍କା ଏବଂ ଆର୍ଥିକ ନିଅଣ୍ଟ 9,360 କୋଟି ଟଙ୍କା ଥିଲା । ଏହା ମୋଟ ଘରୋଇ ଉତ୍ପାଦର ଯଥାକ୍ରମେ 3.21 ପ୍ରତିଶତ ଏବଂ 2.25 ପ୍ରତିଶତ ଥିଲା । ଆର୍ଥିକ ନିଅଣ୍ଟ ମୋଟ ଖର୍ଚ୍ଚର 10 ପ୍ରତିଶତ । ରାଜସ୍ୱ ପ୍ରାପ୍ତିର ପ୍ରାୟ 37 ପ୍ରତିଶତ (85,204 କୋଟି ଟଙ୍କା) ରାଜ୍ୟ ସରକାରଙ୍କର ପ୍ରତିଶୃତିବଦ୍ଧ ଖର୍ଚ୍ଚ ଯଥା ଦରମା (17,526.82 କୋଟି ଟଙ୍କା) ସୁଧ ଦେୟ (4,988.34 କୋଟି ଟଙ୍କା) ଏବଂ ପେନ୍‌ସନ୍ (8,692.86 କୋଟି ଟଙ୍କା) ପାଇଁ ବ୍ୟୟ ହୋଇଥିଲା ।

[1] ଅର୍ଥନୀତି ଓ ପରିସଂଖ୍ୟାନ ନିର୍ଦ୍ଦେଶାଳୟ ଚିଠି ସଂଖ୍ୟା ନଂ.3342DES/SID-66/2018 ତା.11.05.2018 ରିଖ ଅନୁଯାୟୀ 2017-18 ପାଇଁ ସାମଗ୍ରୀକ ଘରୋଇଉତ୍ପାଦର ଅଗ୍ରିମ ଅନୁମାନ 4,15,981.68 କୋଟି ଟଙ୍କା।

## ପାଣ୍ଠିର ଉତ୍ସ ଏବଂ ବିନିଯୋଗ

(କୋଟି ଟଙ୍କା ରେ)

| | ବିବରଣ | ପରିମାଣ |
|---|---|---|
| ଉତ୍ସ | ତା.01.04.2017 ରିଖରେ ପ୍ରାଥମିକ ରୋକଡ ଅବଶେଷ | 319 |
| | ରାଜସ୍ୱ ପ୍ରାପ୍ତି | 85,204 |
| | ଋଣ ଓ ଅଗ୍ରିମ ପରିଶୋଧ | 257 |
| | ସରକାରୀ ଋଣ | 12,862 |
| | ସ୍ୱଳ୍ପସଞ୍ଚୟ, ଭବିଷ୍ୟନିଧି ଏବଂ ଅନ୍ୟାନ୍ୟ | 4,792 |
| | ସଂରକ୍ଷଣ ଓ ନିକ୍ଷେପ ପାଣ୍ଠି | 3,826 |
| | ଜମା ସଂଗ୍ରହ | 40,219 |
| | ବେସାମରିକ ଅଗ୍ରିମ ପରିଶୋଧ | 138 |
| | ନିଲମ୍ବନ ହିସାବ | 2,93,298 |
| | ଟଙ୍କା ପ୍ରେରଣ | 22,801 |
| | ଆପଦ କାଳୀନ ପାଣ୍ଠି | 0.00 |
| | ମୋଟ | 4,63,716 |
| ପ୍ରୟୋଗ | ରାଜସ୍ୱ ଖର୍ଚ୍ଚ | **71,837** |
| | ପୁଞ୍ଜିଗତ ଖର୍ଚ୍ଚ | 21,109 |
| | ଋଣ ଓ ଅଗ୍ରିମ ଦେୟ | 1,875 |
| | ସରକାରୀ ଋଣ ପରିଶୋଧ | 2,690 |
| | ସ୍ୱଳ୍ପସଞ୍ଚୟ, ଭବିଷ୍ୟନିଧି ଏବଂ ଅନ୍ୟାନ୍ୟ | 3,234 |
| | ସଂରକ୍ଷଣ ଓ ନିକ୍ଷେପ ପାଣ୍ଠି | 3,912 |
| | ଜମାର ଖର୍ଚ୍ଚ | 26,321 |
| | ବେସାମରିକ ଅଗ୍ରିମ ପ୍ରଦାନ | 138 |
| | ନିଲମ୍ବନ ହିସାବ | 3,09,202 |
| | ପ୍ରେରଣ | 22,813 |
| | ଆପଦ କାଳୀନ ପାଣ୍ଠି | .. |
| | ତା 31.03.2018 ରିଖ ସୁଦ୍ଧା ଅନ୍ତିମ ରୋକଡ ଅବଶେଷ | 557 |
| | ମୋଟ | 4,63,716(A) |

(A) ଲୋଖାସମାପ୍ତି ଜନିତ 27କୋଟି ଟଙ୍କାର ପ୍ରଭେଦ, ମୋଟ ହିସାବରେ ବିବାଦ ଦିଆଯାଇ ଥିବା ହେତୁ ହୋଇଛି।

## 1.5. ଲେଖା ହିସାବର ମୁଖ୍ୟାଂଶ

ରାଜସ୍ୱ ଅଟକଳ ଓ ଖର୍ଚ୍ଚର ତୁଳନାତ୍ମକ ଆର୍ଥିକ ବିବରଣୀ ନିମ୍ନରେ ପ୍ରଦତ୍ତ ହେଲା:

| ଉପାଦାନ | ବଜେଟ ଅଟକଳ 2017-18 | ବାସ୍ତବ | ବଜେଟ ଅଟକଳ ଅନୁସାରେ ବାସ୍ତବ ଖର୍ଚ୍ଚର ପ୍ରତିଶତ | ଘରୋଇ ଉତ୍ପାଦର ପ୍ରତିଶତ ହିସାବରେ ବାସ୍ତବ ଖର୍ଚ୍ଚ (ଖ) |
|---|---|---|---|---|
| | (କୋଟି ଟଙ୍କାରେ) | | | |
| 1. ଟିକସ ରାଜସ୍ୱ (କ) | 58,222 | 59,186 | 103 | 14 |
| 2. ଅଣ ଟିକସ ରାଜସ୍ୱ | 9,500 | 8,398 | 82 | 2 |
| 3.ଅନୁଦାନ ଏବଂ ଅଂଶଦାନ | 21,210 | 17,620 | 81 | 4 |
| 4.ରାଜସ୍ୱ ପ୍ରାପ୍ତି (1+2+3) | 88,932 | 85,204 | 95 | 20 |
| 5. ଋଣ ଏବଂ ଅଗ୍ରିମ ଅସୁଲ | 130 | 257 | 48 | 0 |
| 6. ଉଧାର ଏବଂ ଅନ୍ୟାନ୍ୟ ଆର୍ଥିକ ବୋଝ (ଙ) | 14,435 | 9,360 | 65 | 2 |
| 7. ପୁଞ୍ଜିଗତ ପ୍ରାପ୍ତି (5+6) | 14,565 | 9,617 | 64 | 2 |
| 8. ମୋଟ ପ୍ରାପ୍ତି (4+7) | 1,03,496 | 94,821 | 90 | 22 |
| 9. ଅଣ ଯୋଜନା ଖର୍ଚ୍ଚ (ଘ) | 50,697 | 37,362 | 85 | 11 |
| 10. ରାଜସ୍ୱ ହିସାବରେ ଅଣ ଯୋଜନା ଖର୍ଚ୍ଚ | 50,504 | 37,245 | 87 | 10 |
| 11. ଅଣ ଯୋଜନା ଖର୍ଚ୍ଚରୁ ସୁଧ ଦେୟ (10)ରୁ | 5,000 | 4,988 | 87 | 1 |
| 12. ପୁଞ୍ଜିଗତ ଖର୍ଚ୍ଚରେ ଅଣ ଯୋଜନା ଖର୍ଚ୍ଚ | 193 | 117 | 8 | 0 |
| 13. ଯୋଜନା ଖର୍ଚ୍ଚ (ଚ) | 52,800 | 57,459 | 96 | 12 |
| 14. ରାଜସ୍ୱ ହିସାବରେ ଯୋଜନା ଖର୍ଚ୍ଚ | 31,733 | 34,592 | 88 | 7 |
| 15. ପୁଞ୍ଜିଗତ ହିସାବରେ ଯୋଜନା ଖର୍ଚ୍ଚ | 21,067 | 22,867 | 109 | 5 |
| 16. ମୋଟ ଖର୍ଚ୍ଚ (9+13) | 1,03,497 | 94,821 | 90 | 22 |
| 17. ରାଜସ୍ୱ ଖର୍ଚ୍ଚ (10+14) | 82,237 | 71,837 | 87 | 17 |
| 18. ପୁଞ୍ଜିଗତ ଖର୍ଚ୍ଚ (12+15) (ଗ) | 21,260 | 22,984 | 102 | 5 |
| 19. ବଳକା ରାଜସ୍ୱ (4-17) | 6,694 | 13,367 | 251 | 2 |
| 20. ଆର୍ଥିକ ନିଅଣ୍ଟ (4+5-16) | (-)14,435 | (-) 9,360 | 65 | (-)2 |

(କ) କେନ୍ଦ୍ରୀୟ ଟିକସ ବାବଦରେ ରାଜ୍ୟ ଅଂଶ 31,272 କୋଟି ଟଙ୍କା ଅନ୍ତର୍ଭୁକ୍ତ

(ଖ) ଅର୍ଥନୀତି ଓ ପରିସଂଖ୍ୟାନ ନିର୍ଦ୍ଦେଶାଳୟଚିଠି ସଂଖ୍ୟା 3342/DES/SID-66/2018ତା.11.05.2018ରିଖ ସୁଦ୍ଧା2017-18ରେ ମୋଟ ଘରୋଇ ଉତ୍ପାଦ 4,15,981.68କୋଟି ଟଙ୍କା (ଅଗ୍ରିମ ଅନୁମାନ)

(ଗ) ପୁଞ୍ଜିଗତ ଖର୍ଚ୍ଚ(21,109 କୋଟି ଟଙ୍କା)ଏବଂ ଋଣ ଓ ଅଗ୍ରୀମ ଖର୍ଚ୍ଚ (1,875କୋଟି ଟଙ୍କା)ପୁଞ୍ଜିଗତ ହିସାବ ଖର୍ଚ୍ଚର ଅନ୍ତର୍ଭୁକ୍ତ

(ଘ) ରାଜସ୍ୱ ଖର୍ଚ୍ଚ (37,245.50 କୋଟି ଟଙ୍କା) ପୁଞ୍ଜିଗତ ଖର୍ଚ୍ଚ (37 କୋଟି ଟଙ୍କା) ଏବଂ ଋଣ ଓ ଅଗ୍ରିମ ବାବଦରେ ପରିଶୋଧ(79.95 କୋଟି ଟଙ୍କା) ଅଣ ଯୋଜନା ଖର୍ଚ୍ଚରେ ଅନ୍ତର୍ଭୁକ୍ତ ।

(ଙ) ସରକାରୀ ଋଣର ନିଟ୍ (10,171କୋଟି ଟଙ୍କା), ଆପଦ କାଳୀନ ପାଣ୍ଠିର ନିଟ୍ [0.00 କୋଟି ଟଙ୍କା] ସରକାରୀ ହିସାବର ନିଟ୍ {(-)547 କୋଟି ଟଙ୍କା} ଏବଂ ପ୍ରାରମ୍ଭିକ ଓ ଅନ୍ତିମ ଅବଶେଷର ନିଟ୍[(-)238 କୋଟି ଟଙ୍କା)] କରଜ ଏବଂ ଅନ୍ୟାନ୍ୟ ଆର୍ଥିକ ବୋଝରେ ଅନ୍ତର୍ଭୁକ୍ତ ।

(ଚ) ରାଜସ୍ୱ ଖର୍ଚ୍ଚ (34,59,180.14 କୋଟି ଟଙ୍କା) ପୁଞ୍ଜିଗତ ଖର୍ଚ୍ଚ (21,07,165.17 କୋଟି ଟଙ୍କା) ଏବଂ ଋଣ ଓ ଅଗ୍ରିମ ପ୍ରଦାନ ବାବଦରେ ଖର୍ଚ୍ଚ (1,795.47 କୋଟି ଟଙ୍କା) ଯୋଜନା ଖର୍ଚ୍ଚରେ ଅନ୍ତର୍ଭୁକ୍ତ ।

### 1.6. ନିଅଣ୍ଟ ଏବଂ ବଳକା କହିଲେ କ'ଣ ବୁଝାଯାଏ ?

| | |
|---|---|
| **ନିଅଣ୍ଟ** | ରାଜସ୍ୱ ଓ ଖର୍ଚ୍ଚ ମଧ୍ୟରେ ବ୍ୟବଧାନକୁ ନିଅଣ୍ଟ କୁହାଯାଏ । ନିଅଣ୍ଟର ପ୍ରକାରଭେଦ, ନିଅଣ୍ଟ କିପରି ଭରଣା କରାଯାଏ ଏବଂ ସଠିକ ଆର୍ଥିକ ପରିଚାଳନା ହିଁ ପାଣ୍ଠି ବିନିଯୋଗର ମୁଖ୍ୟ ସୁଚକାଙ୍କ । |
| **ରାଜସ୍ୱ ନିଅଣ୍ଟ/ ବଳକା** | ରାଜସ୍ୱ ପ୍ରାପ୍ତି ଏବଂ ଖର୍ଚ୍ଚ ମଧ୍ୟରେ ଥିବା ବ୍ୟବଧାନକୁ ରାଜସ୍ୱ ନିଅଣ୍ଟ/ବଳକା କୁହାଯାଏ । ସରକାରୀ ପ୍ରତିଷ୍ଠାନର ଖର୍ଚ୍ଚକୁ ତୁଲାଇବା ପାଇଁ ରାଜସ୍ୱ ଖର୍ଚ୍ଚର ଆବଶ୍ୟକତା ପଡିଥାଏ ଏବଂ ଏହା ସମ୍ପୁର୍ଣ୍ଣ ଭାବେ ରାଜସ୍ୱ ପ୍ରାପ୍ତିରୁ ଖର୍ଚ୍ଚ ହେବା ବାଞ୍ଛନୀୟ । |
| **ଆର୍ଥିକ ନିଅଣ୍ଟ / ବଳକା** | ସମ୍ପୁର୍ଣ୍ଣ ପ୍ରାପ୍ତି ଏବଂ ସମ୍ପୁର୍ଣ୍ଣ ଖର୍ଚ୍ଚ ମଧ୍ୟରେ ବ୍ୟବଧାନ ହିଁ ଆର୍ଥିକ ନିଅଣ୍ଟ/ ବଳକା ଅଟେ । ସୁତରାଂ ଖର୍ଚ୍ଚ ମେଣ୍ଟାଇବା ପାଇଁ କେତେ ପର୍ଯ୍ୟନ୍ତ ଉଧାର ଅଣାଯାଇ ପାରିବ ତାହାହିଁ ସୁଚିତ କରିଥାଏ । ଏହି ଋଣ ପୁଞ୍ଜିଗତ ପ୍ରକଳ୍ପରେ ବିନିଯୋଗ ହେବା ବାଞ୍ଛନିୟ । |

### 1.6.1. ଆର୍ଥିକ ଦାୟିତ୍ୱବୋଧ ଏବଂ ବଜେଟ୍ ପରିଚାଳନା ଅଧିନିୟମ, 2005

ରାଜସ୍ୱ ନିଅଣ୍ଟ /ବଳକା, ଆର୍ଥିକ ନିଅଣ୍ଟ / ବଳକା ସରକାରଙ୍କର ଆର୍ଥିକ ପ୍ରଦର୍ଶନର ମାପକାଠି ଅଟେ । ଦ୍ୱାଦଶ ଅର୍ଥ କମିଶନଙ୍କର ସୁପାରିଶ କ୍ରମେ ଓଡିଶା ସରକାର ଆର୍ଥିକ ଦାୟିତ୍ୱବୋଧ ଏବଂ ବଜେଟ୍ ପରିଚାଳନା ଅଧିନିୟମ, 2005 ପ୍ରଣୟନ କରିଛନ୍ତି ।

ଏହି ଅଧିନିୟମ ଅନୁସାରେ ରାଜ୍ୟ ସରକାରଙ୍କର ଦାୟୀତ୍ୱ ହେଉଛି ଯେ ପର୍ଯ୍ୟାୟ କ୍ରମେ ରାଜସ୍ୱ ନିଅଣ୍ଟକୁ ବିଲୋପ କରି ଏବଂ ଆର୍ଥିକ ସ୍ଥିତାବସ୍ଥାସହ ଋଣଭାରକୁ ପୋଷଣୀୟ ସ୍ତରରେ ପହଞ୍ଚାଇ ଆର୍ଥିକ ପରିଚାଳନା ଏବଂ ଆର୍ଥିକ ସ୍ଥିତାବସ୍ଥାକୁ ସୂଚାରୁରୂପେ ବଜାୟ ରଖିବା ।

ରାଜ୍ୟ ସରକାର ବିତ୍ତୀୟ ଉତ୍ତରଦାୟୀ ବୋଧ ଓ ବଜେଟ୍ ପରିଚାଳନା (ସଂଶୋଧିତ) ଅଧିନିୟମ 2005 କୁ ଚତୁର୍ଦ୍ଦଶଅର୍ଥ କମିଶନଙ୍କ ସୁପାରିଶ କ୍ରମେ 2016 ରେସଂଶୋଧିତ କରିଛନ୍ତି । ବିତ୍ତୀୟ ଉତ୍ତରଦାୟୀ ଏବଂ ବଜେଟ୍ ପରିଚାଳନା (ସଂଶୋଧିତ) ଅଧିନିୟମ, 2016 ଅନୁସାରେ ରାଜ୍ୟ ଗୁଡ଼ିକ ରାଜସ୍ୱ ବଳକା ସୃଷ୍ଟି କରିବାକୁ, ରାଜସ୍ୱ ନିଅଣ୍ଟକୁ ମୋଟ ଘରୋଇ ଉତ୍ପାଦର ତିନି ପ୍ରତିଶତରେ ସୀମିତ ରଖିବା ପାଇଁ, ଋଣ/ମୋଟ ସାମଗ୍ରୀକ ଘରୋଇ ଉତ୍ପାଦ ଅନୁପାତ ଅର୍ଥ କମିଶନ ସୁପାରିଶ କରିଥିବା ସ୍ତରରେ ରଖିବାକୁ ଏବଂ ବିତ୍ତୀୟ ଉତ୍ତରଦାୟୀ ଏବଂ ବଜେଟ୍ ପରିଚାଳନା ଅଧିନିୟମକୁ କାର୍ଯ୍ୟକାରୀ କରିବାପାଇଁ ପର୍ଯ୍ୟାଲୋଚନାଶୀଳ ବ୍ୟବସ୍ଥା ରଖିବାକୁ ବାଧ୍ୟ ଅଟନ୍ତି । 2017-18ରେ ବିତ୍ତୀୟ ନିଅଣ୍ଟ ମୋଟ ଘରୋଇ ଉତ୍ପାଦର 2.25 ପ୍ରତିଶତ ଅଟେ ।

ରାଜ୍ୟ ସରକାର 2005-06 ଆର୍ଥିକ ବର୍ଷ ଠାରୁ ରାଜସ୍ୱ ବଳକା ବିକାଶର ସଫଳତା ହାସଲ କରିଛନ୍ତି ଏବଂ ଏହା 2009-10 ଆର୍ଥିକ ବର୍ଷ ଠାରୁ ନିରନ୍ତର ଭାବେ ବଢି ଚାଲିଛି (2013-14 ଏବଂ 2017-18 ବ୍ୟତୀତ)। ବିଗତ ବର୍ଷରେ ବିତ୍ତୀୟ ନିଅଣ୍ଟ 9,360 କୋଟି ଟଙ୍କା ଥିବା ବେଳେ ଚଳିତ ଆର୍ଥିକ ବର୍ଷରେ ଏହାର ପରିମାଣ 9,360 କୋଟି ଟଙ୍କା ଅଟେ ।

| କ୍ରମିକ ସଂଖ୍ୟା | ଆର୍ଥିକ ମାନଦଣ୍ଡ | ବାସ୍ତବତା (କୋଟି ଟଙ୍କାରେ) | GSDPର ଅନୁପାତ* | |
|---|---|---|---|---|
| | | | ଲକ୍ଷ୍ୟ | ହାସଲ |
| 1 | ରାଜସ୍ୱ ନିଅଣ୍ଟ | 13,367 (ବଳକା ) | .. | ହାସଲ ହୋଇ |
| 2 | ଆର୍ଥିକ ନିଅଣ୍ଟ | 9,360 | 3 ପ୍ରତିଶତ କିମ୍ବା ତା ଠାରୁ କମ୍ | 2.25 ପ୍ରତିଶତ(ପ୍ରାପ୍ତି) |
| 3 | ସରକାରୀଋଣ | 52,190 | 25 ପ୍ରତିଶତ କିମ୍ବା ତା ଠାରୁ କମ୍ | 12.55 ପ୍ରତିଶତ (ପ୍ରାପ୍ତି) |
| 4 | ବକେୟା ପ୍ରତିଭୂତି | 1,711 | ତତ୍ ପୂର୍ବ ବର୍ଷ (2015-16)ର ରାଜସ୍ୱ (ସହାୟକ ଅନୁଦାନକୁ ବାଦ୍ ଦେଇ) ଅପେକ୍ଷା 100 ପ୍ରତିଶତରୁ ଅଧିକ ହୋଇନଥିବ । | 3.12 ପ୍ରତିଶତ (ପ୍ରାପ୍ତି) |

### *1.6.2. ରାଜସ୍ୱ ବଳକାର ଧାରା*




### *1.6.3. ଆର୍ଥିକ ନିଅଣ୍ଟର ଧାରା*



### *1.7.ଉଧାର ପାଣ୍ଠିରେ ପୁଞ୍ଜିଗତ ଖର୍ଚ୍ଚର ଅନୁପାତ*

ଋଣ ପାଣ୍ଠିକୁ ସମ୍ପୂର୍ଣ୍ଣ ଭାବେ ପୁଞ୍ଜିଗତ ସମ୍ପତ୍ତି ନିର୍ମାଣରେ ବ୍ୟବହାର କରିବା ବାଞ୍ଛନୀୟ ଏବଂ ପ୍ରାପ୍ତ ରାଜସ୍ୱକୁ ମୂଳ ଓ ସୁଧ ପରିଶୋଧରେ ବ୍ୟବହାର କରାଯିବା ଉଚିତ । ଯେହେତୁ ରାଜ୍ୟ ସରକାର 2005-06 ଠାରୁ 2017-18 ପର୍ଯ୍ୟନ୍ତ ରାଜସ୍ୱ ବଳକା ହାସଲ କରିଛନ୍ତି, ଏହା ଜଣା ପଡୁଛି ଯେ ଋଣରେ ଅଣାଯାଇଥିବା ପୁଞ୍ଜି ସମ୍ପତ୍ତି ନିର୍ମାଣରେ ବ୍ୟବହୃତ ହେଉଛି । ଏହାର ବିବରଣୀ ନିମ୍ନରେ ଦର୍ଶାଗଲା :

(କୋଟି ଟଙ୍କାରେ)

| | ଋଣ ପାଣ୍ଠି | ପୁଞ୍ଜିଗତ ଖର୍ଚ୍ଚ |
|---|---|---|
| **2013-14** | **2,290** | **7,756** |
| **2014-15** | **7,646** | **11,075** |
| **2015-16** | **9,790** | **17,090** |
| **2016-17** | **11,223** | **18,471** |
| **2017-18** | **12,862** | **21,109** |



## ଅଧ୍ୟାୟ-II

# ପ୍ରାପ୍ତି

### 2.1. ଉପକ୍ରମ

ସରକାରଙ୍କ ପ୍ରାପ୍ତି ଦୁଇ ଭାଗରେ ବିଭକ୍ତ ଯଥା ରାଜସ୍ୱ ପ୍ରାପ୍ତି ଓ ପୁଞ୍ଜିଗତ ପ୍ରାପ୍ତି । 2017-18 ରେ ଓଡିଶା ସରକାରଙ୍କ ମୋଟ ପ୍ରାପ୍ତି 98,323 କୋଟି ଟଙ୍କା ଥିଲା ।

### 2.2. ରାଜସ୍ୱ ପ୍ରାପ୍ତି

| | |
|---|---|
| ଟିକସ ରାଜସ୍ୱ | ରାଜ୍ୟସରକାରଙ୍କ ଦ୍ୱାରା ସଂଗ୍ରହ କରି ରଖାଯାଉଥିବା ଟିକସ ଏବଂ ସମ୍ବିଧାନର 280 (3) ଧାରା ଅନୁସାରେ କେନ୍ଦ୍ରୀୟ ଟିକସରୁ ରାଜ୍ୟ ପାଉଥିବା ଅଂଶ ହିଁ ଟିକସ ରାଜସ୍ୱ ଅଟେ । |
| ଅଣ ଟିକସ ରାଜସ୍ୱ | ରାଜ୍ୟ ସରକାର ଦେଉଥିବା ଋଣରୁ ମିଳୁଥିବା ସୁଧ ବିଭିନ୍ନ ନିଗମରେ ଖଟାଇଥିବା ଲାଭାଂଶ, ଲାଭ ଇତ୍ୟାଦି ଅଣ ଟିକସ ରାଜସ୍ୱ ଅଟେ । |
| ସହାୟକ ଅନୁଦାନ | ସହାୟକ ଅନୁଦାନ କହିବାକୁ ଗଲେ ଏହା ଏକପ୍ରକାର କେନ୍ଦ୍ରୀୟ ସହାୟକ ଯାହାକି ବିଦେଶ ସରକାରଙ୍କଠାରୁ ମିଳୁଥିବା ସାହାଯ୍ୟ ଉପକରଣ ଓ ଯନ୍ତ୍ରପାତି ଇତ୍ୟାଦିକୁ କେନ୍ଦ୍ରସରକାରଙ୍କ ମାଧ୍ୟମରେ ରାଜ୍ୟମାନଙ୍କୁ ପ୍ରାପ୍ତ ହୋଇଥାଏ. ପ୍ରତିବଦଳରେ ରାଜ୍ୟ ସରକାରମାନେ ଏହାକୁ ପଞ୍ଚାୟତିରାଜ ଅନୁଷ୍ଠାନ, ସ୍ୱୟଂଶାସିତ ସଂସ୍ଥା ଇତ୍ୟାଦି ଅନୁଦାନ ଆକାରରେ ପ୍ରଦାନ କରିଛନ୍ତି । |

ରାଜସ୍ୱ ପ୍ରାପ୍ତି



### 2.2.1 ରାଜସ୍ୱ ପ୍ରାପ୍ତିର ଉପାଦାନ

| ଉପାଦାନ | ବାସ୍ତବ (କୋଟି ଟଙ୍କାରେ) | ମୋଟ ରାଜସ୍ୱର ପ୍ରତିଶତ |
|---|---|---|
| କ. ଟିକସ ରାଜସ୍ୱ | **59,186** | **69** |
| ଦ୍ରବ୍ୟ ଓ ସେବା ଶୁଳ୍କ | 10,207 | 12 |
| ଆୟ୍ ଓ ବ୍ୟୟ୍ ଉପରେ ଟିକସ | 17,848 | 21 |
| ସମ୍ପତ୍ତି ଓ ପୁଞ୍ଜିଗତ କାରବାର ଉପରେ ଟିକସ | 1,579 | 2 |
| ଦ୍ରବ୍ୟ ଏବଂ ସେବା ଉପରେ ଟିକସ | 29,552 | 35 |
| ଖ. ଅଣ ଟିକସ ରାଜସ୍ୱ | **8,398** | **10** |
| ସୁଧ ପ୍ରାପ୍ତି, ବିଭିନ୍ନ ସରକାରୀ ନିଗମରୁ ମିଳୁଥିବା ଲାଭାଂଶ ଏବଂ ଲାଭ | 667 | 1 |
| ସାଧାରଣ ସେବା | 389 | 1 |
| ସାମାଜିକ ସେବା | 208 | … |
| ଅର୍ଥନୈତିକ ସେବା | 7,134 | 8 |
| ଗ. ସହାୟକ ଅନୁଦାନ ଏବଂ ଅଂଶଦାନ | **17,620** | **21** |
| ମୋଟ-ରାଜସ୍ୱ ପ୍ରାପ୍ତି (କ+ଖ+ ଗ) | **85,204** | **100** |

### 2.2.2 ରାଜସ୍ୱ ପ୍ରାପ୍ତିର ଧାରା

(କୋଟି ଟଙ୍କାରେ)

| ବିବରଣୀ | 2013-14 | 2014-15 | 2015-16 | 2016-17 | 2017-18 |
|---|---|---|---|---|---|
| ଟିକସ ରାଜସ୍ୱ | 32,139 | 36,009 | 46,101 | 51,174 | 59,186 |
| ଅଣ ଟିକସ ରାଜସ୍ୱ | 8,379 | 8,071 | 8,711 | 8,043 | 8,398 |
| ସହାୟକ ଅନୁଦାନ | 8,429 | 12,917 | 14,129 | 15,082 | 17,620 |
| ମୋଟ-ରାଜସ୍ୱ ପ୍ରାପ୍ତି | 48,947 | 56,998 | 68,941 | 74,299 | 85,204 |
| ରାଜ୍ୟ ମୋଟ ସାମଗ୍ରୀକ ଘରୋଇ ଉତ୍ପାଦ | 2,96,475 (ସଂଶୋଧିତ ଅନୁମାନ) | 3,14,267 (ସଂଶୋଧିତ ଅନୁମାନ) | 3,30,874 (ସଂଶୋଧିତ ଅନୁମାନ) | 3,77,202 (ସଂଶୋଧିତ ଅନୁମାନ) | 4,15,982 (ଅଗ୍ରିମଅନୁମାନ) |




2016-17 ଏବଂ 2017-18 ମଧ୍ୟରେ ମୋଟ ଘରୋଇ ଉତ୍ପାଦ 10 ପ୍ରତିଶତ ବୃଦ୍ଧି ହୋଇଥିଲା ଏବଂ ରାଜସ୍ୱ ସଂଗ୍ରହ ବୃଦ୍ଧି 15 ପ୍ରତିଶତ ଥିଲା । ଟିକସ ରାଜସ୍ୱ 16 ପ୍ରତିଶତ ବୃଦ୍ଧି ହୋଇଥିବା ବେଳେ ଅଣ ଟିକସ ରାଜସ୍ୱର ହ୍ରାସ ପରିମାଣ 4 ପ୍ରତିଶତ ଥିଲା । ରାଜସ୍ୱ ପାଇଁ ମୁଖ୍ୟ ଯୋଗଦାନ ବିକ୍ରିଓ ବାଣିଜ୍ୟକର 11,522 କୋଟି ଟଙ୍କା (ସାମଗ୍ରୀକ ଘରୋଇ ଉତ୍ପାଦର 3 ପ୍ରତିଶତ) ଏବଂ ନିଗମ ଟିକସ 9,575 କୋଟି ଟଙ୍କା (ମୋଟ ଘରୋଇ ଉତ୍ପାଦର 2 ପ୍ରତିଶତ) ର ଥିଲା ।

## 2.3 ରାଜସ୍ୱ ଟିକସ

### କ୍ଷେତ୍ର ଭିତ୍ତିକ ଟିକସ ରାଜସ୍ୱ

(କୋଟି ଟଙ୍କାରେ)

| ବିବରଣୀ | 2013-14 | 2014-15 | 2015-16 | 2016-17 | 2017-18 |
|---|---|---|---|---|---|
| (i) ଦ୍ରବ୍ୟ ଓ ସେବା ଶୁଳ୍କ | .. | .. | .. | .. | 1,02,07 |
| ii) ଆୟ୍ ଓ ବ୍ୟୟ୍ ଉପରେ ଟିକସ | 8,654 | 9,855 | 12,725 | 15,558 | 17,848 |
| iii) ସମ୍ପତ୍ତି ଓ ପୁଞ୍ଜିଗତ କାରବାର ଉପରେ ଟିକସ | 1,051 | 1,461 | 2,748 | 1,844 | 1,579 |
| iv) ଦ୍ରବ୍ୟ ଏବଂ ସେବା ଉପରେ ଟିକସ | 22,434 | 24,694 | 30,628 | 33,772 | 29,552 |
| ମୋଟ-ଟିକସ ରାଜସ୍ୱ | 32,139 | 36,010 | 46,101 | 51,174 | 59,186 |
| ସାମଗ୍ରୀକ ଘରୋଇ ଉତ୍ପାଦ | 2,96,475 (ସଂଶୋଧିତ ଅନୁମାନ) | 3,14,267 (ସଂଶୋଧିତ ଅନୁମାନ) | 3,30,874 (ସଂଶୋଧିତ ଅନୁମାନ) | 3,77,202 (ସଂଶୋଧିତ ଅନୁମାନ) | 4,15,982 (ଅଗ୍ରିମ ଅନୁମାନ) |




## 2.3.1 ରାଜ୍ୟର ପ୍ରାପ୍ତି ନିଜସ୍ୱ ଟିକସ ଏବଂ କେନ୍ଦ୍ର ସରକାରଙ୍କ ଟିକସ ଅଂଶ

ରାଜ୍ୟ ସରକାରଙ୍କ ଟିକସ ରାଜସ୍ୱ ଦୁଇଟି ଉତ୍ସରୁ ମିଳିଥାଏ, ଯଥା-ରାଜ୍ୟର ନିଜସ୍ୱ ଟିକସ ଆଦାୟ୍ ଏବଂ କେନ୍ଦ୍ର ଟିକସ ହସ୍ତାନ୍ତରୀକରଣ।

(କୋଟି ଟଙ୍କାରେ)

| ବର୍ଷ | ଟିକସ ରାଜସ୍ୱ | କେନ୍ଦ୍ରୀୟ୍ ଟିକସରେ ରାଜ୍ୟର ଅଂଶ | ରାଜ୍ୟର ନିଜସ୍ୱ ଟିକସ ରାଜସ୍ୱ | |
|---|---|---|---|---|
| | | | ଟିକସ ରାଜସ୍ୱ | ଘରୋଇ ଉତ୍ପାଦର ପ୍ରତିଶତ |
| 2013-14 | 32,139 | 15,247 | 16,892 | 5.70 |
| 2014-15 | 36,009 | 16,181 | 19,828 | 6.30 |
| 2015-16 | 46,101 | 23,574 | 22,527 | 6.81 |
| 2016-17 | 51,174 | 28,322 | 22,852 | 6.05 |
| 2017-18 | 59,186 | 31,272 | 27,914 | 6.71 |

ନିମ୍ନ ସାରିଣୀରେ ପାଞ୍ଚବର୍ଷ ମଧ୍ୟରେ ଦୁଇଟି ଉତ୍ସରୁ ପ୍ରାପ୍ତ ରାଜସ୍ୱ ଟିକସର ଏକ ତୁଳନାତ୍ମକସ୍ଥିତି ପ୍ରଦତ୍ତ ହୋଇଛି।

(କୋଟି ଟଙ୍କାରେ)

| | 2013-14 | 2014-15 | 2015-16 | 2016-17 | 2017-18 |
|---|---|---|---|---|---|
| ରାଜ୍ୟର ନିଜସ୍ୱ ଟିକସ ଆଦାୟ | 16,892 | 19,828 | 22,527 | 22,852 | 27,914 |
| କେନ୍ଦ୍ରୀୟ ରାଜସ୍ୱର ଯୋଗଦାନ | 15,247 | 16,181 | 23,574 | 28,322 | 31,272 |
| ମୋଟ ରାଜସ୍ୱଟିକସ | 32,139 | 36,009 | 46,101 | 51,174 | 59,186 |
| ରାଜ୍ୟରୁ ନିଜସ୍ୱ ରାଜସ୍ୱ ମୋଟ ରାଜସ୍ୱର ପ୍ରତିଶତ | 53 | 55 | 49 | 45 | 47 |

2013-14 ଓ 2014-15 ବର୍ଷରେ ଗାଏମୋଟ ଟିକସ ରାଜସ୍ୱରେ ରାଜ୍ୟର ନିଜସ୍ୱ ଆଦାୟର ଅବଦାନ 50 ପ୍ରତିଶତରୁ ଅଧିକ ଥିଲା । 2015-16 ବର୍ଷରେ ଏହା 50 ପ୍ରତିଶତରୁ ହ୍ରାସପାଇ 2017-18ରେ 47 ପ୍ରତିଶତରେ ପହଞ୍ଚିଛି।

### 2.3.2 ବିଗତ 5 ବର୍ଷରେ ରାଜ୍ୟର ନିଜସ୍ୱ ଟିକସ ଆଦାୟର ଧାରା ।

(କୋଟି ଟଙ୍କାରେ)

| ଶୁଳ୍କ | 2013-14 | 2014-15 | 2015-16 | 2016-17 | 2017-18 |
|---|---|---|---|---|---|
| ରାଜ୍ୟ ଦ୍ରବ୍ୟ ଓ ସେବା ଶୁଳ୍କ -0006 | .. | .. | .. | .. | 6,609 |
| ଭୂ-ରାଜସ୍ୱ- 0029 | 431 | 646 | 589 | 460 | 542 |
| ମୁଦ୍ରାଙ୍କ ଓ ନିବନ୍ଧନ ଶୁଳ୍କ -0030 | 606 | 800 | 2,157 | 1,364 | 1,037 |
| ରାଜ୍ୟ ଅବକାରୀ ଶୁଳ୍କ -0039 | 1,780 | 2,035 | 2,547 | 2,786 | 3,221 |
| ବିକ୍ରିକର-0040 | 10,729 | 11,817 | 13,097 | 13,402 | 11,522 |
| ଯାନବାହନ କର-0041 | 860 | 910 | 1,044 | 1,216 | 1,535 |
| ମାଲ ଓ ଯାତ୍ରୀ ଉପରେ କର-0042 | 1,613 | 1,711 | 1,663 | 1,760 | 1,260 |
| ଅନ୍ୟାନ୍ୟ କର | 873 | 1,909 | 1,430 | 1,864 | 2,188 |
| ରାଜ୍ୟର ମୋଟ ନିଜସ୍ୱ ଟିକସ | 16,892 | 19,828 | 22,527 | 22,852 | 27,914 |

## 2.4. ଟିକସ ଆଦାୟ ମୂଲ୍ୟ

*କ. ସମ୍ପତ୍ତି ଓ ପୁଞ୍ଜିଗତ କାରବାରରେ ଟିକସ*

(କୋଟି ଟଙ୍କାରେ)

| କର | 2013-14 | 2014-15 | 2015-16 | 2016-17 | 2017-18 |
|---|---|---|---|---|---|
| I - ବିକ୍ରୟ ବାଣିଜ ଆଦି ଉପରେ କରଓରାଜ୍ୟ ଦ୍ରବ୍ୟ ଓ ସେବା ଶୁଳ୍କ | | | | | |
| ରାଜସ୍ୱ ସଂଗ୍ରହ | 10,729 | 11,817 | 13,097 | 13,402 | 18,131 |
| ସଂଗ୍ରହରେ ଖର୍ଚ୍ଚ | 78 | 83 | 85 | 100 | 118 |
| ଟିକସ ସଂଗ୍ରହରେ ଦକ୍ଷତା | | | | | |
| II - ରାଜ୍ୟ ଅବକାରୀ | | | | | |
| ରାଜସ୍ୱ ସଂଗ୍ରହ | 1,780 | 2,035 | 2,547 | 2,786 | 3,221 |
| ସଂଗ୍ରହରେ ଖର୍ଚ୍ଚ | 46 | 49 | 53 | 56 | 64 |
| ଟିକସ ସଂଗ୍ରହରେ ଦକ୍ଷତା | | | | | 4 |
| III -ଯାନବାହନ କର | | | | | |
| ରାଜସ୍ୱ ସଂଗ୍ରହ | 860 | 910 | 1,044 | 1,216 | 1,535 |
| ସଂଗ୍ରହରେ ଖର୍ଚ୍ଚ | 32 | 47 | 61 | 87 | 113 |
| ଟିକସ ସଂଗ୍ରହରେ ଦକ୍ଷତା | | | | | |
| IV - ମୁଦ୍ରାଙ୍କ ଓ ନିବନ୍ଧନ ଶୁଳ୍କ | | | | | |
| ରାଜସ୍ୱ ସଂଗ୍ରହ | 606 | 800 | 2,157 | 13,64 | 1,037 |
| ସଂଗ୍ରହରେ ଖର୍ଚ୍ଚ | 36 | 37 | 37 | 50 | 43 |
| ଟିକସ ସଂଗ୍ରହରେ ଦକ୍ଷତା | | | | 4 | 4 |

ବିକ୍ରି, ବାଣିଜ୍ୟ ଇତ୍ୟାଦି ଟିକସ ଏବଂ ରାଜ୍ୟ ଅବକାରୀ ଟିକସର ଅସୁଲି ପାଇଁ ହୋଇଥିବା ଖର୍ଚ୍ଚ ଅନ୍ୟାନ୍ୟ ଟିକସ ପାଇଁ ହୋଇଥିବା ଖର୍ଚ୍ଚ ତୁଳନାରେ କମ୍ ରହିଥିଲା ।

## 2.5 ବିଗତ 5 ବର୍ଷରେ କେନ୍ଦ୍ରୀୟ ଟିକସ ବାବଦରେ ରାଜ୍ୟ ଅଂଶର ଧାରା ।

(କୋଟି ଟଙ୍କାରେ)

| ମୁଖ୍ୟ ଶୀର୍ଷ ବର୍ଣ୍ଣନା | 2013-14 | 2014-15 | 2015-16 | 2016-17 | 2017-18 |
|---|---|---|---|---|---|
| କେନ୍ଦ୍ରୀୟ ଦ୍ରବ୍ୟ ଓ ସେବା ଶୁଳ୍କ | 0 | 0 | 0 | 0 | 441 |
| ଏକୀକୃତ ଦ୍ରବ୍ୟ ଓ ସେବା ଶୁଳ୍କ | 0 | 0 | 0 | 0 | 3,156 |
| ନିଗମ ଟିକସ | 5,128 | 5,650 | 7,409 | 9,072 | 9,575 |
| ନିଗମ ଟିକସ ବ୍ୟତିତ ଆୟ୍ ଉପରେ ଆଦାୟ୍ ହେଉଥିବା ଟିକସ | 3,376 | 4,035 | 5,141 | 6,305 | 8,085 |
| ସମ୍ପତ୍ତି ଟିକସ | 14 | 15 | 2 | 21 | .. |
| ବହିଃ ଶୁଳ୍କ | 2,488 | 2,617 | 3,771 | 3,903 | 3,156 |
| କେନ୍ଦ୍ରୀୟ୍ ଅବକାରୀ ଟିକସ | 1,757 | 1,478 | 3,147 | 4,457 | 3,298 |
| ସେବା କର | 2,484 | 2,386 | 4,086 | 4,564 | 3,561 |
| ଦ୍ରବ୍ୟ ଓ ସେବା ଉପରେ ଅନ୍ୟାନ୍ୟ ଟିକସ | .. | .. | 18 | .. | .. |
| ମୋଟ-କେନ୍ଦ୍ରୀୟ୍ ଟିକସରେ ରାଜ୍ୟର ଅଂଶ | 15,247 | 16,181 | 23,574 | 28,322 | 31,272 |
| ମୋଟ-ଟିକସ ରାଜସ୍ୱ | 32,139 | 36,009 | 46,101 | 51,174 | 59,186 |
| ମୋଟ ଟିକସ ରାଜସ୍ୱରେ କେନ୍ଦ୍ରୀୟ୍ ଟିକସର ପ୍ରତିଶତ | 47 | 45 | 51 | 55 | 53 |




## 2.6 ସହାୟକ ଅନୁଦାନ

ଭାରତ ସରକାରଙ୍କଠାରୁ ମିଳୁଥିବା ଆର୍ଥିକ ସହାୟତା ଯୋଜନା ଆୟୋଗଙ୍କ ମଞ୍ଜୁରୀ କ୍ରମେ ରାଜ୍ୟ ଯୋଜନା ଏବଂ କେନ୍ଦ୍ର ପ୍ରବର୍ତ୍ତିତ ଯୋଜନା ପାଇଁ ମିଳୁଥିବା ଅନୁଦାନ ଏବଂ ଅର୍ଥ କମିଶନଙ୍କର ଅନୁମୋଦନ କ୍ରମେ ରାଜ୍ୟର ଅଣ ଯୋଜନା ପାଇଁ ମିଳୁଥିବା ଅନୁଦାନ ହିଁ ରାଜ୍ୟ ସରକାରଙ୍କୁ ମିଳୁଥିବା ଅନୁଦାନର ଅଂଶ ବିଶେଷ ଅଟେ । ମୋଟ 17,620 କୋଟି ଟଙ୍କା ସହାୟକ ଅନୁଦାନ ବାବଦରେ ରାଜ୍ୟ ସରକାରଙ୍କୁ ପ୍ରାପ୍ତ ହୋଇଥିଲା । ଏହାର ତଥ୍ୟ ନିମ୍ନରେ ପ୍ରଦତ୍ତ ହେଲା:-

(କୋଟି ଟଙ୍କାରେ)

| ବର୍ଷ | ଅଣ ଯୋଜନା | ରାଜ୍ୟ ଯୋଜନା | କେନ୍ଦ୍ରସ୍ତରୀୟ ଯୋଜନା | କେନ୍ଦ୍ର ପ୍ରାୟୋଜିତ ଯୋଜନା | ଅର୍ଥ ଆୟୋଗ ଅନୁଦାନ | ଅନ୍ୟାନ୍ୟ | ମୋଟ |
|---|---|---|---|---|---|---|---|
| 2013-14 | 2,729 | 3,429 | 2,271 | .. | .. | .. | 8,429 |
| 2014-15 | 1,929 | 10,886 | 102 | .. | .. | .. | 12,917 |
| 2015-16 | 3,063 | 10,773 | 293 | .. | .. | .. | 14,129 |
| 2016-17 | 3,248 | 11,769 | 65 | .. | .. | .. | 15,082 |
| 2017-18 | .. | .. | .. | 12,900 | 2,406 | 2,314 | 17,620 |

ଅନୁଦାନ



କେନ୍ଦ୍ର ପ୍ରବର୍ତ୍ତିତ ଯୋଜନାରେ କେନ୍ଦ୍ର ଅଂଶର ବଜେଟ୍ ଅଟକଳ 21,210 କୋଟି ଟଙ୍କା ବାବଦରେ ରାଜ୍ୟ ସରକାର 12,900 କୋଟି ଟଙ୍କା ସହାୟକ ଅନୁଦାନ (61 ପ୍ରତିଶତ) ପାଇଥିଲେ।

## 2.7 ସରକାରୀ ଋଣ

31 ମାର୍ଚ୍ଚ 2018 ସୁଦ୍ଧା ରାଜ୍ୟ ସରକାରଙ୍କର ଋଣ ବୋଝ 52,190 କୋଟି ଟଙ୍କା ଥିଲା । ଏଥି ମଧ୍ୟରୁ ଆଭ୍ୟନ୍ତରୀଣ ଋଣ ଏବଂ ଭାରତ ସରକାରଙ୍କ ଠାରୁ ଅଣାଯାଇଥିବା ଋଣ ଓ ଅଗ୍ରିମ ଯଥାକ୍ରମେ 44,584 କୋଟି ଟଙ୍କା ଏବଂ 7,606 କୋଟି ଟଙ୍କା ।

*ବିଗତ 5 ବର୍ଷରେ ସରକାରୀ ଋଣର ଧାରା*

(କୋଟି ଟଙ୍କାରେ)

| ବର୍ଣ୍ଣନା | 2013-14 | 2014-15 | 2015-16 | 2016-17 | 2017-18 |
|---|---|---|---|---|---|
| ଆଭ୍ୟନ୍ତରୀଣ ଋଣ-6003 | 16,073 | 19,728 | 26,525 | 34,553 | 44,584 |
| କେନ୍ଦ୍ରୀୟ ଋଣ-6004 | 7,241 | 7,121 | 7,232 | 7,465 | 7,606 |
| ମୋଟ-ସରକାରୀ ଋଣ | 23,314 | 26,849 | 33,757 | 42,018 | 52,190 |




*ବିଗତ 5 ବର୍ଷରେ ସରକାରୀ ଋଣର ମୋଟ ପ୍ରଭାବ*

(କୋଟି ଟଙ୍କାରେ)

| ବର୍ଣ୍ଣନା | 2013-14 | 2014-15 | 2015-16 | 2016-17 | 2017-18 |
|---|---|---|---|---|---|
| ଆଭ୍ୟନ୍ତରୀଣ ଋଣ-6003 ହ୍ରାସ/ବୃଦ୍ଧିର ନିଟ ପ୍ରତିଶତ | (-) 35 | 3,656 | 6,797 | ,8028 | 10,031 |
| କେନ୍ଦ୍ରୀୟ ଋଣ-6004 ହ୍ରାସ/ବୃଦ୍ଧିର ନିଟ ପ୍ରତିଶତ | 32 | (-) 121 | 111 | 233 | 141 |
| ମୋଟ-ସରକାରୀ ଋଣ ହ୍ରାସ/ବୃଦ୍ଧିର ନିଟ ପ୍ରତିଶତ | (-)3 | 3,535 | 6,908 | 8,261 | 10,172 |

ବି.ଦ୍ର : ବିଯୁକ୍ତ ସଂଖ୍ୟା ପ୍ରାପ୍ତି ତୂଳନାରେ ଅଧିକ ପରିଶୋଧକୁ ସୂଚାଉଛି ।

অধ্যায় -III

## ଖର୍ଚ୍ଚ

### 3.1. ଉପକ୍ରମ

ଖର୍ଚ୍ଚ ଦୁଇ ଭାଗରେ ବିଭକ୍ତ ଯଥା ରାଜସ୍ୱ ଖର୍ଚ୍ଚ ଏବଂ ପୁଞ୍ଜିଗତ ଖର୍ଚ୍ଚ । ରାଜସ୍ୱ ଖର୍ଚ୍ଚ ସଂସ୍ଥାର ଦୈନନ୍ଦୀନ ଖର୍ଚ୍ଚ ପାଇଁ ଉଦ୍ଦିଷ୍ଟ ଥିବାବେଳେ ପୁଞ୍ଜିଗତ ବ୍ୟୟ ସ୍ଥାୟୀ ସମ୍ପତ୍ତି ନିର୍ମାଣ କିମ୍ବା ସ୍ଥାୟୀ ସମ୍ପତ୍ତି ବ୍ୟବହାରର ବୃଦ୍ଧି କିମ୍ବା ସ୍ଥାୟୀ ଆର୍ଥିକ ବୋଝ ହ୍ରାସ ପାଇଁ ଉଦ୍ଦିଷ୍ଟ ଅଟେ । ପୁନଶ୍ଚ ଖର୍ଚ୍ଚ ମୁଖ୍ୟତଃ ଦୁଇ ଭାଗରେ ବିଭକ୍ତ ଯଥା ଯୋଜନା ଓ ଅଣ ଯୋଜନା ।

| | |
|---|---|
| ସାଧାରଣ ସେବା | ନ୍ୟାୟ, ପୋଲିସ, ଜେଲ,ପୂର୍ତ୍ତ, ପେନ୍ସନ୍ ଇତ୍ୟାଦି ଏହାର ଅନ୍ତର୍ଭୁକ୍ତ ଅଟେ । |
| ସାମାଜିକ ସେବା | ଶିକ୍ଷା, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ, ଜଳ ଯୋଗାଣ, ଅନୁସୂଚିତ ଜାତି ଓ ଜନଜାତିଙ୍କ କଲ୍ୟାଣ ଇତ୍ୟାଦି ଏହାର ଅନ୍ତର୍ଭୁକ୍ତ ଅଟେ । |
| ଅର୍ଥ ନୈତିକ ସେବା | କୃଷି ଗ୍ରାମ୍ୟ ଉନ୍ନୟନ, ଜଳସେଚନ, ସମବାୟ, ଶକ୍ତି, ଶିଳ୍ପ, ପରିବହନ ଇତ୍ୟାଦି ଏହି ସେବାର ଅନ୍ତର୍ଭୁକ୍ତ ଅଟେ । |

2017-18ରୁ ଓଡିଶା ସରକାର ସମସ୍ତ ଖର୍ଚ୍ଚକୁ 4 ଭାଗରେ ବିଭକ୍ତ କରିଛନ୍ତି । ଯଥା- (କ) ପ୍ରଶାସନିକ ବ୍ୟୟ (ଖ) କାର୍ଯ୍ୟକ୍ରମ ବ୍ୟୟ (ଗ) ରାଜ୍ୟ ବିପର୍ଯ୍ୟୟ ପ୍ରଶମନ ପାଣି (ଘ) ରାଜ୍ୟ ଅର୍ଥ ହସ୍ତାନ୍ତର । (ଗ) ଏବଂ (ଘ) ବାବଦରେ ହୋଇଥିବା ଖର୍ଚ୍ଚ ବିତ୍ତଲେଖା 2017-18ର ପ୍ରଶାସନିକ ଖର୍ଚ୍ଚରେ ମିଶାଇ ଦର୍ଶାଯାଇଅଛି ।

### 3.2. ରାଜସ୍ୱ ଖର୍ଚ୍ଚ

ରାଜସ୍ୱ ଖର୍ଚ୍ଚ ବାସ୍ତବରେ 71,837 କୋଟି ଟଙ୍କା ଥିଲା । ଏହା ବଜେଟ ଅଟକଳ ତୁଳନାରେ10,400 କୋଟି ଟଙ୍କା ନିଅଣ୍ଟ ଥିଲା । ପ୍ରଶାସନିକ ବ୍ୟୟରେ 13,259 କୋଟି ଟଙ୍କା ଏବଂ କାର୍ଯ୍ୟକ୍ରମ ବ୍ୟୟରେ 2,859 କୋଟି ଟଙ୍କା କମ୍ ଖର୍ଚ୍ଚ ହେବାରୁ ଏହିପରି ହୋଇଥିଲା ।

ବିଗତ 5 ବର୍ଷରେ ରାଜସ୍ୱ କ୍ଷେତ୍ରରେ ବଜେଟ୍ ଅଟକଳ ତୁଳନାରେ ନିଅଣ୍ଟ ବ୍ୟୟର ବିବରଣୀ ନିମ୍ନରେ ପ୍ରଦତ୍ତ ହେଲା :-

(କୋଟି ଟଙ୍କାରେ)

| ବର୍ଷ | 2013-14 | 2014-15 | 2015-16 | 2016-17 | 2017-18 |
|---|---|---|---|---|---|
| ବଜେଟ୍ ଅଟକଳ | 49,394 | 62,882 | 65,839 | 74,443 | 82,237 |
| ବାସ୍ତବ | 45,618 | 51,136 | 58,806 | 65,041 | 71,837 |
| ବ୍ୟବଧାନ | 3,776 | 11,746 | 7,033 | 9,402 | 10,400 |
| ବଜେଟ୍ ଅଟକଳ ପ୍ରତିଶତ ହିସାବରେ ବ୍ୟବଧାନ | 8 | 19 | 11 | 13 | 13 |

ମୋଟ ରାଜସ୍ୱ ବ୍ୟୟର ଖର୍ଚ୍ଚ ପ୍ରାୟତଃ 47 ପ୍ରତିଶତ ନିର୍ଦ୍ଧାରିତ ଖର୍ଚ୍ଚ -ଯଥା ଦରମା ବାବଦକୁ (₹17,527), ସୁଧ ପରିଶୋଧ (₹4,988), ପେନସନ (₹8,693) ଏବଂ ସହାୟକ ଅନୁଦାନ ବାବଦକୁ (₹2,830) ଯାହାକି ରାଜ୍ୟ ସରକାରଙ୍କ ଉପରେ ଅଙ୍ଗୀକାରବଦ୍ଧ ବୋଝ (ଦାୟବୋଧ)।

ପାଞ୍ଚବର୍ଷ ମଧ୍ୟରେ ଦାୟ ବୋଧ ଓ ଅଣଦାୟ ବୋଧ ରାଜସ୍ୱ ବ୍ୟୟ ନିମ୍ନ ସାରିଣୀରେ ପ୍ରଦତ୍ତ ହୋଇଛି ।

| ଉପାଦାନ | 2013-14 | 2014-15 | 2015-16 | 2016-17 | 2017-18 |
|---|---|---|---|---|---|
| ମୋଟ-ରାଜସ୍ୱ ଖର୍ଚ୍ଚ | 45,618 | 51,136 | 58,806 | 68041 | 71,837 |
| ପ୍ରତିଶୃତିବଦ୍ଧରାଜସ୍ୱ ଖର୍ଚ୍ଚ# | 21,489 | 23,737 | 26,328 | 28299 | 34,038 |
| ପ୍ରତିଶୃତିବଦ୍ଧରାଜସ୍ୱ ପ୍ରତିଶତ | 47 | 46 | 45 | 42 | 47 |
| ଅଣପ୍ରତିଶୃତିବଦ୍ଧ ରାଜସ୍ୱ ଖର୍ଚ୍ଚ | 24,129 | 27,399 | 32,478 | 39,742 | 37,799 |

# ଦାୟବୋଧ ବା ଧାର୍ଯ୍ୟ ଖର୍ଚ୍ଚ ମଧ୍ୟରେ ଦରମା, ସୁଧ ପରିଶୋଧ, ପେନସନ ଏବଂ ଅଙ୍ଗୀକାରବଦ୍ଧ ଦେୟ ଆଦି ଅନ୍ତର୍ଭୁକ୍ତ (ସ.ଲ. 2) ।

ଏହା ଲକ୍ଷଣୀୟ ଯେ ବିଭିନ୍ନ କାର୍ଯ୍ୟକ୍ରମ (ଯୋଜନା) ପାଇଁ ଉଦ୍ଦିଷ୍ଟ ଅଣଅଙ୍ଗୀକାରବଦ୍ଧ ରାଜସ୍ୱ 2013-14ରେ ଥିବା 2 41.29 କୋଟି ଟଙ୍କାରୁ 57 ପ୍ରତିଶତ ବୃଦ୍ଧିପାଇ 2017-18ରେ 327.99 କୋଟି ଟଙ୍କା ହୋଇଛି । ସେହିପରି ଅଙ୍ଗୀକାରବଦ୍ଧ ରାଜସ୍ୱ ବ୍ୟୟ 2013-14ରେ 456.18 କୋଟି ଟଙ୍କାରୁ 57 ପ୍ରତିଶତ ବୃଦ୍ଧିପାଇ 2017-18ରେ 718.37 କୋଟି ଟଙ୍କା ହୋଇଛି ଏବଂ ସେହି ସମୟ ମଧ୍ୟରେ ଧାର୍ଯ୍ୟ ରାଜସ୍ୱ ଖର୍ଚ୍ଚ 58 ପ୍ରତିଶତ ବୃଦ୍ଧି ପାଇଛି ।

### 3.2.1 ରାଜସ୍ୱ ଖର୍ଚ୍ଚର କ୍ଷେତ୍ରୀୟ ବିଭକ୍ତି କରଣ

(କୋଟି ଟଙ୍କାରେ)

| ଉପାଦାନ | ପରିମାଣ | ପ୍ରତିଶତ |
|---|---|---|
| କ. ଆର୍ଥିକ ସେବା | 856 | 1 |
| i)ସମ୍ପତ୍ତି ଓ ପୁଞ୍ଜିଗତ କାରବାର ଉପରେ ଟିକସ ସଂଗ୍ରହ | 540 | 0.5 |
| ii)ଦ୍ରବ୍ୟ ଓ ସେବା ଉପରେ ଟିକସ ଆଦାୟ | 311 | .. |
| iii)ଅନ୍ୟାନ୍ୟ ଆର୍ଥିକ ସେବା | 5 | .. |
| ଖ. ରାଜ୍ୟର ଅଙ୍ଗ | 540 | 0.5 |
| ଗ.ସୁଧ ଦେୟ ଏବଂ ଋଣ ପରିଶୋଧ | 4,988 | 7 |
| ଘ.ପ୍ରଶାସନିକ ସେବା | 5,153 | 7 |
| ଙ.ପେନ୍‌ସନ୍ ଏବଂ ବିବିଧ ସାଧାରଣ ସେବା | 8,724 | 12 |
| ଚ.ସାମାଜିକ ସେବା | 29,557 | 41 |
| ଛ.ଅର୍ଥନୈତିକ ସେବା | 207,57 | 29 |
| ଜ.ସହାୟକ ଅନୁଦାନ ଏବଂ ଅଂଶଦାନ | 12,63 | 2 |
| ମୋଟ-ଖର୍ଚ୍ଚ ରାଜସ୍ୱ ହିସାବ | 71,837 | 100 |

### 3.2.2 ରାଜସ୍ୱ ଖର୍ଚ୍ଚର ମୁଖ୍ୟ ଉପାଦାନ (2013-2018)

ରାଜସ୍ୱ ଖର୍ଚ୍ଚର ମୁଖ୍ୟ ଉପାଦାନ(2013-2018)

(କୋଟି ଟଙ୍କାରେ)

| ବର୍ଷ | ସାଧାରଣ ସେବା | ସାମାଜିକ ସେବା | ଅର୍ଥନୈତିକ ସେବା | ଅନୁଦାନ | ମୋଟ ରାଜସ୍ୱ ଖର୍ଚ୍ଚ | ଋଣ ପରିଶୋଧ |
|---|---|---|---|---|---|---|
| 2013-14 | 13,689 | 18,722 | 12,315 | 892 | 45,618 | 2,888 |
| 2014-15 | 14,529 | 20,964 | 14,826 | 817 | 51,136 | 2,810 |
| 2015-16 | 15,059 | 24,643 | 18,188 | 916 | 58,806 | 3,343 |
| 2016-17 | 16,715 | 27,600 | 19,714 | 1,012 | 65,041 | 4,035 |
| 2017-18 | 20,261 | 29,557 | 20,757 | 1,263 | 71,837 | 4,988 |

* ସାଧାରଣ ସେବାରେ ମୁଖ୍ୟ ଶୀର୍ଷ 2048 (ଋଣ ହ୍ରାସ ଓ ପରିହାର ନିମିତ୍ତ ବିନିଯୋଗ) ଏବଂ 2049 (ସୁଧ ଦେୟ୍ ) ଅନ୍ତର୍ଭୁକ୍ତ।




### 3.3. ପୁଞ୍ଜିଗତ ଖର୍ଚ୍ଚ

ବିକାଶ ଧାରାକୁ ବଜାୟ୍ ରଖିବାକୁ ହେଲେ ମୂଳପୁଞ୍ଜି ବିନିଯୋଗ ଅତ୍ୟାବଶ୍ୟକ । 2017-18 ରେ ପୁଞ୍ଜି ବିନିଯୋଗ ₹22,984 କୋଟି ଟଙ୍କା (ଜି.ଏସ.ଡି.ପି ର 6 ପ୍ରତିଶତ)ବଜେଟ ଆକଳନ ଠାରୁ ₹1,690 କୋଟି ଟଙ୍କା (କାର୍ଯ୍ୟକ୍ରମ ବ୍ୟୟ୍ ବାବଦରେ ₹18,00 କୋଟି ଟଙ୍କା ଅଧିକ ଏବଂ ପ୍ରଶାସନିକ ଖର୍ଚ୍ଚ ବାବଦରେ ₹3,490 କୋଟି ଟଙ୍କା କମ୍) ଅଧିକ ଥିଲା । ପୁଞ୍ଜିବ୍ୟୟ୍ ରେ ବୃଦ୍ଧି 2013-14 ଠାରୁ ଏଯାବତ୍ ଜି.ଏସ.ଡି.ପି ର ଅପରିବର୍ତ୍ତନୀୟ୍ ବୃଦ୍ଧି ସହ ସମତା ରକ୍ଷା କରି ପାରି ନାହିଁ ।

ନିମ୍ନ ସାରିଣୀରେ ଏହା ଦ୍ରଷ୍ଟବ୍ୟ ।

| କ୍ର.ନଂ | ଉପାଦାନ | 2013-14 | 2014-15 | 2015-16 | 2016-17 | 2017-18 |
|---|---|---|---|---|---|---|
| 1 | ବଜେଟ୍ ଅଟକଳ | 8,090 | 11,216 | 15,742 | 18,401 | 21,260 |
| 2 | ବାସ୍ତବ ଖର୍ଚ୍ଚ | 8,219 | 11,433 | 17,427 | 18,725 | 22,984 |
| 3 | ବଜେଟ ଅଟକଳ ଅନୁସାରେ ଖର୍ଚ୍ଚର ପ୍ରତିଶତ | 102 | 102 | 111 | 102 | 108 |
| 4 | ପୁଞ୍ଜିଗତ ଖର୍ଚ୍ଚର ବାର୍ଷିକ ଅଭିବୃଦ୍ଧି | 41 | 39 | 52 | 7 | 23 |
| 5 | ସାମଗ୍ରୀକ ଘରୋଇ ଉତ୍ପାଦ | 2,96,475 | 3,14,267 | 330,874 | 3,77,202 | 4,15,982 |
| 6 | ସାମଗ୍ରୀକ ଘରୋଇ ଉତ୍ପାଦର ବାର୍ଷିକ ଅଭିବୃଦ୍ଧି | 13 | 6 | 5 | 14 | 10 |

ବିଭିନ୍ନ କ୍ଷେତ୍ରରେ ପୁଞ୍ଜିଗତ ଖର୍ଚ୍ଚର ଧାରା




### *3.3.1.* ପୁଞ୍ଜିବ୍ୟୟ ଓ ରାଜସ୍ୱ ବ୍ୟୟର ଆଂଶିକ ବଣ୍ଟନ ।

ଗତ ପାଞ୍ଚ ବର୍ଷରେ ପୁଞ୍ଜି ଓ ରାଜସ୍ୱ ବ୍ୟୟର ତୁଳନାତ୍ମକ ବିଭାଗୀୟ ବଣ୍ଟନର ଉଦାହରଣ ନିମ୍ନରେ ଦିଆଯାଇଛି ।

| କ୍ର.ନଂ | କ୍ଷେତ୍ର | | 2013-14 | 2014-15 | 2015-16 | 2016-17 | 2017-18 |
|---|---|---|---|---|---|---|---|
| (A) | ସାଧାରଣ ସେବା | ପୁଞ୍ଜିଗତ | 470 | 390 | 425 | 374 | 465 |
| | | ରାଜସ୍ୱ | 13,689 | 14,529 | 15,059 | 16,715 | 20261 |
| (B) | ଅର୍ଥନୈତିକ ସେବା | ପୁଞ୍ଜିଗତ | 1,725 | 2,288 | 2,929 | 3,001 | 4,201 |
| | | ରାଜସ୍ୱ | 18,722 | 20,964 | 24,643 | 27,600 | 29,557 |
| (C) | ସାମାଜିକ ସେବା | ପୁଞ୍ଜିଗତ | 55,61 | 8,397 | 13,737 | 15,096 | 16,443 |
| | | ରାଜସ୍ୱ | 12,315 | 14,826 | 18,188 | 19,714 | 20,757 |
| (D) | ସହାୟକ ଅନୁଦାନ ଏବଂ ଅଂଶଦାନ | ପୁଞ୍ଜିଗତ | .. | .. | .. | .. | .. |
